ବର୍ଷ-୨୫, ସଂଖ୍ୟା-୦୧
ଭୁବନେଶ୍ୱର
୦୧ ଜାନୁଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 01
Bhubaneswar
01 January, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat





**ଶୁଭେଚ୍ଛା**
ଇଂରାଜୀ ନବବର୍ଷ ୨୦୨୫ ଅବସରରେ 'ମହାଭାରତ' ତାର ପାଠକପାଠିକା/ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।
- ମହାଭାରତ ପରିବାର

## ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୩୧।୧୨: ନୂଆ ବର୍ଷ ୨୦୨୫ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ ଭାରତୀୟଙ୍କୁ ଶୁଭେଚ୍ଛା



ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ନୂତନ ବର୍ଷର ଆନନ୍ଦ ଉଲ୍ଲାସରେ ମୁଁ ଭାରତ ତଥା ବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭେଚ୍ଛା ଜଣାଉଛି। ନୂଆ ବର୍ଷର ଆଗମନ ଆମ ଜୀବନରେ ନୂତନ ଆଶା, ସ୍ୱପ୍ନ ଏବଂ ଆକାଂକ୍ଷାର ଆରମ୍ଭକୁ ଚିହ୍ନିତ କରୁ। ନୂତନ ବର୍ଷର ଉତ୍ସବ ଆମକୁ ଆମର ଇଚ୍ଛା ପୂରଣ କରିବା ପାଇଁ ନୂତନ ଶକ୍ତି ସହିତ ଆଗକୁ ବଢ଼ିବାକୁ ସୁଯୋଗ ଦେଉ। ଆସନ୍ତୁ ନୂତନ ବର୍ଷକୁ ଆନନ୍ଦ ଏବଂ ଉତ୍ସାହର ସହିତ ସ୍ୱାଗତ କରିବା ଏବଂ ଆମ ସମାଜ ତଥା ରାଷ୍ଟ୍ରକୁ ଏକତା ଏବଂ ଉତ୍କର୍ଷର ପଥରେ ଆଗକୁ ନେବା।

### ଶେଷ ପର୍ଯ୍ୟାୟରେ ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି

# ତ୍ରିନିଦାଦ ଓ ଟବାଗୋ ରାଷ୍ଟ୍ରପତି ମୁଖ୍ୟ ଅତିଥି

**ଭୁବନେଶ୍ୱର,୩୧।୧୨(ମହାଭାରତ):** ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲି କାଙ୍ଗାଲୁଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ପ୍ରମୁଖ ଯୋଗ ଦେବେ।ଏହି ସମାରୋହରେ ଦେଶବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦଘାଟନ କରିବେ।



ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟା ୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏହାର ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ନିଜର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧ । ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର।

ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ । ଅଦ୍ୟାବଧି ୨୭୪୮ ଜଣ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜିକରଣ କରି ସାରିଲେଣି । ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲି କାଙ୍ଗାଲୁ ଯୋଗଦେବେ । ଏହି ଅବସରରେ ସେ ଚନ୍ଦକା ସ୍ଥିତ ଗୋଡିବାରି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ।

ଏହାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ହାଇ ସିକ୍ୟୁରିଟି ଫୋର୍ସ, ୨୫୦ ଟ୍ରାଫିକ ନିୟନ୍ତ୍ରଣକାରୀ ଏବଂ ୧୪୦ ଲିଆଜିନିଙ୍ଗ ଅଫିସରଙ୍କୁ ନିୟୋଜିତ କରାଯାଇଛି । ସେହିପରି ବିଦେଶରୁ ଆସୁଥିବା ଅତିଥି ମାନଙ୍କୁ ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟି ଭୁବନେଶ୍ୱର ଓ କଟକକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯାଇଛି । ସହରର ରାସ୍ତା ଘାଟ, ଅଫିସ୍ ବିଲଡିଙ୍ଗ, ବିଡିଏ ପାର୍କ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ସୁସଜ୍ଜିତ ଆଲୋକ ମାଳାରେ ସଜାଇ ଦିଆଯାଉଛି । ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ ବେଳେ ସହରର ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା ପ୍ରଭୃତି ଦ୍ୱାରା ରାଜଧାନୀକୁ ଉତ୍ସବ ମୁଖର କରାଯିବ । ଭୁବନେଶ୍ୱର ସହିତ ଏହାର ଆଖପାଖ ଅଂଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ବି.ଏମ୍.ସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।



ଅଷ୍ଟ୍ରେଲିଆର ସିଡ୍‌ନୀରେ ନୂଆବର୍ଷକୁ ବାଣଫୁଟାଇ ସ୍ୱାଗତ କରାଯାଉଛି।

# ଚନ୍ଦ୍ରବାବୁ ନାଇଡୁ ଧନୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୩୧।୧୨:** ଦେଶର ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ତାଲିକାର ଏକ ରିପୋର୍ଟ ପ୍ରକାଶ କରିଛି ଏଡିଆର- ଆସୋସିଏସନ୍ ଫର୍ ଡେମାକ୍ରାଟିକ୍ ରିଫର୍ମସ। ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ସମ୍ପତ୍ତି ଓ ଋଣକୁ ନେଇ ଦେଇଥିବା ସତ୍ୟପାଠକୁ ଆଧାର କରି ଏହି ରିପୋର୍ଟ ତିଆରି କରାଯାଇଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏକ ନମ୍ବର ଧନୀ ହୋଇଥିବାବେଳେ ତାଲିକାର ୨୨ ନମ୍ବରରେ ରହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ।



ସତ୍ୟପାଠକୁ ଦେଖିଲେ, ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ତାଙ୍କ ପାଖରେ ସର୍ବାଧିକ ୯୩୧ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଦ୍ୱିତୀୟ ଧନୀ ମୁଖ୍ୟମନ୍ତ୍ରୀ ହେଲେ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ। ତାଙ୍କ ପାଖରେ ୩୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ସମ୍ପତ୍ତିରେ ତୃତୀୟ ସ୍ଥାନରେ ଅଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା। ତାଙ୍କ ପାଖରେ ୫୧ କୋଟି ଟଙ୍କାର ସମ୍ପତ୍ତି ରହିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ନମ୍ବରରେ ରହିଛନ୍ତି। ତାଙ୍କ ପାଖରେ ୧ କୋଟି ୯୭ ଲକ୍ଷ ଟଙ୍କା ରହିଛି। ସବୁଠାରୁ କମ ସମ୍ପତ୍ତି ଥିବା ମୁଖ୍ୟମନ୍ତ୍ରୀ ହେଉଛନ୍ତି ପଶ୍ଚିମବଙ୍ଗର ମମତା ବାନାର୍ଜୀ।ତାଙ୍କ ପାଖରେ ମାତ୍ର ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତା ଉପରକୁ ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ପାଖରେ ମାତ୍ର ୫୫ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତା ପରେ କେରଳର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପାଖରେ ୧ କୋଟି ୮୧ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ମୁଖ୍ୟମନ୍ତ୍ରୀଙ୍କ ମାନଙ୍କ ପାଖରେ ହାରାହାରି ୫୨ କୋଟି ୫୯ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି।

# ଜନଜାତିଙ୍କ ଜମି ହସ୍ତାନ୍ତର ସଂପର୍କିତ ସଂଶୋଧନକୁ ପରିଷଦର ନାମଞ୍ଜୁର

**ଭୁବନେଶ୍ୱର,୩୧।୧୨(ମହାଭାରତ):** ଆଜି ଲୋକସେବା ଭବନରେ ନବଗଠିତ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି)ର ପ୍ରଥମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିଷଦ ନଭେମ୍ବର ମାସରେ ଗଠିତ ହୋଇଥିଲା। ଏହାର କାର୍ଯ୍ୟକାଳ ଦୁଇ ବର୍ଷ ରଖାଯାଇଛି।


ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନଜାତି ମାନଙ୍କୁ ସବୁ କ୍ଷେତ୍ରରେ ନ୍ୟାୟ ମିଳିବା ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ଏହି ନୂତନ ପରିଷଦରେ ଆଗାମୀ ୨ ବର୍ଷମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଓ.ଆର୍ ଭି ଆଇନରେ ଅନୁସୂଚିତ ଜନଜାତି ଓ ଜାତି ପିଲାମାନେ ଯେପରି ନ୍ୟାୟ ପାଇବେ, ତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଜନଜାତି ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ପରିଷଦର ବୈଠକରେ ୧୯୫୬ ଜମିଜମା ହସ୍ତାନ୍ତରଣ ଆଇନର ନିୟମାବଳୀ-୨ ର ସଂଶୋଧନ ପ୍ରସ୍ତାବକୁ ନାମଞ୍ଜୁର କରାଯାଇଥିଲା। ୨୦୨୩ ଜୁଲାଇ ୧୧ ତାରିଖରେ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଏହି ପ୍ରସ୍ତାବ ଆସିଥିଲା। ପରେ ୨୦୨୩ ନଭେମ୍ବର ୧୪ ତାରିଖରେ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା। ତେବେ ୨୦୨୪ ଜାନୁଆରୀ ୨୯ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହାକୁ ନାମଞ୍ଜୁର କରାଯାଇଥିଲା। ଆଜି ଜନଜାତି ଉପଦେଷ୍ଟା ପରିଷଦ ମଧ୍ୟ ଏହି ପ୍ରସ୍ତାବକୁ ନାମଞ୍ଜୁର କରିଛି । ଏହା ଫଳରେ ଆଦିବାସୀ ମାନଙ୍କ ସଂପତ୍ତିକୁ ହସ୍ତାନ୍ତର କରାଯାଇପାରିବ ନାହିଁ।ତେବେ ଜନଜାତି ଲୋକମାନେ ସେମାନଙ୍କର ବିଭିନ୍ନ ଜରୁରୀ କାମ, ଯେପରି ବିବାହ, ପିଲାଙ୍କ ଉଚ୍ଚଶିକ୍ଷା କିମ୍ବା ବ୍ୟବସାୟ ଆଦି କାମରେ ଋଣ ପାଇପାରିବେ, ସେଥିପାଇଁ ଆଗାମୀ ଦିନରେ ଅନ୍ୟାନ୍ୟ ବିକଳ୍ପ କରାଯିବ। ପେସା (ପଞ୍ଚାୟତ ଏକ୍ସଟେନସନ ସହ ସିଡୁଲ୍‌ଡ ଏରିଆ) ଆକ୍ଟ, ୧୯୯୬) ଆଇନର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ କରାଯାଇଥିବା ନିୟମାବଳୀ (ଡ୍ରାଫ୍ଟ ଓଡ଼ିଶା ପେସା ରୁଲ୍‌ସ) ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।


# ପିଏମ୍-ଉଷା ଯୋଜନାରେ ୬୭୬.୭ କୋଟି ଅନୁଦାନ

**ଭୁବନେଶ୍ୱର,୩୧।୧୨(ମହାଭାରତ:** ଆମ ସରକାର ଆସିବାର ୮୧ ଦିନ ମଧ୍ୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା (ପିଏମ-ଉଷା) ପ୍ରଣୟନ ନିମନ୍ତେ ଅନୁଷ୍ଠିତ ହୋଇଥିବା ତୃତୀୟ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ ବୈଠକର ନିଷ୍ପତି ଅନୁଯାୟୀ ପିଏମ-ଉଷା ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏହା ନିଶ୍ଚିତ ଭାବେ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକର ଭିତିଭୂମି ବିକାଶ ସହ ମାନବ ସମ୍ବଳ ବିକାଶ, ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଣୟନ ପରିପ୍ରେକ୍ଷୀରେ ସୁବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ୮ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୩୧।୧୨(ମହାଭାରତ) :** ରାଜ୍ୟର ୮ ଆଇପିଏସ୍ ଅଫିସରଙ୍କୁ ମିଳିଛି ପଦୋନ୍ନତି। ସେମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ବରିଷ୍ଠ ଆଇପିଏସ୍ ଅଫିସର ଯତୀନ୍ଦ୍ର କୋୟଲ ଓ ପ୍ରତୀକ ମହାନ୍ତି। ୨୦୦୦ ବ୍ୟାଚ୍ ଆଇପିଏସ୍ ଅଫିସର ଯତୀନ୍ଦ୍ର କୋୟଲଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୨୦୦୦ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରତୀକ ମହାନ୍ତଙ୍କୁ ମଧ୍ୟ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ଏବେ ସେ ସିଆଇଏସ୍ଏଫ୍ (ମୁଖ୍ୟାଳୟ)ରେ ଆଇଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି।୨୦୦୭ ବ୍ୟାଚର ଆଇପିଏସ୍ ଅଫିସର ଅବିନାଶ କୁମାର, ସାର୍ଥକ ଷଡ଼ଙ୍ଗୀ ଓ ନିତି ଶେଖରଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ୨୦୧୧ ବ୍ୟାଚର ଆଇପିଏସ୍ ଅଫିସର ପିନାକ ମିଶ୍ରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ସେ ଏବେ ଭୁବନେଶ୍ୱର ଡିସିପି ଅଛନ୍ତି। ପିନାକ ମିଶ୍ରଙ୍କ ସହିତ ୨୦୧୧ ବ୍ୟାଚର ଆଉ ଦୁଇ ଆଇପିଏସ୍ ଅଫିସର ବି. ଯୁଗୋଳ କିଶୋର କୁମାର ଓ ବି. ଗଙ୍ଗାଧରଙ୍କ ମଧ୍ୟ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ବି. ଯୁଗୋଳ କିଶୋର କୁମାର ଓ ବି. ଗଙ୍ଗାଧର ଏବେ କଟକ ସ୍ଥିତ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଛନ୍ତି।

## ବସାଦହି ଗୋଲମରିଚ ମାଂସ

**ଆବଶ୍ୟକ ସାମଗ୍ରୀ:** ୧ କେଜି ଖାସି ମାଂସ,୧୦ରୁ ୧୫ଟି ଗୋଲ ମରିଚ, ୪ଟି କଟା ପିଆଜ,୨ ଚାମଚ ଅଦା ରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ୩ରୁ ୪ଟି ଶୁଖିଲା ଲଙ୍କା, ତେଲ ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଖାସି ମାଂସରେ ଲୁଣ, ବସାଦହି, ଅଦା ରସୁଣ ବଟା, ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲଭାବେ ମ୍ୟାରିନେଟ କରି ରଖନ୍ତୁ। ଅଧଘଣ୍ଟା ପରେ କଡ଼େଇରେ ମ୍ୟାରିନେଟ୍ ମାଂସ, କଟା ପିଆଜ, ଅଦାରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଗୋଲମରିଚ, ଶୁଖିଲା ଲଙ୍କା, ବସାଦହି ଓ ତେଲ ପକାଇ ଘୋଡଣି ଘୋଡାଇ ଚୁଲି ଲଗାନ୍ତୁ। କିଛି ସମୟ ପରେ ଘୋଡଣି ବାହାର କରି ମାଂସରେ ଅଳ୍ପ ପାଣି ଦେଇ ୪୦ରୁ ୪୫ ମିନିଟ୍ ଯାଏଁ ସିଝିବାକୁ ଦିଅନ୍ତୁ। ମଝିରେ ମଝିରେ ମାଂସକୁ ଗୋଳାଉଥା'ନ୍ତୁ। ଏହାପରେ ପ୍ରସ୍ତୁତ ହୋଇଥିବା ବସାଦହି ଗୋଲମରିଚ ମାଂସକୁ ପ୍ଲେଟକୁ କାଢ଼ି ପରସନ୍ତୁ।




## ଖବର

## ପ୍ରେମିକଙ୍କୁ ନେଇ ବାପାଙ୍କ ଫାର୍ମହାଉସ୍ ଗଲେ ସୁହାନା



ସତ କେବେ ଲୁଚି ରୁହେନା। ଯେତେ ନା ବୋଲି କହିଲେ ବି ଯାହା ସତ ତାହା ସାମ୍ନାକୁ ଆସିଯାଇଥାଏ। କିଛି ଏଭଳି ଘଟିଛି ବଲିଉଡ୍ର କିଙ୍ଗ ଖାନ୍ ଶାହାରୁଖଙ୍କ ଲଳନା ସୁହାନାଙ୍କ କ୍ଷେତ୍ରରେ। କିଛିଦିନ ହେଲାଣି ବିଗ୍ ବି ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦାଙ୍କ ସହ ତାଙ୍କୁ ଅନେକ ସ୍ଥାନରେ ଏକାଠି ଦେଖାଯାଉଛି ଯଦିଓ ହେଲେ ସେଭଳି କିଛି ନୁହେଁ ବୋଲି କହି ସୁହାନା ଡେଟିଂ ଖବରକୁ ଏଡ଼ାଇ ଯାଉଥିଲେ। ଏବେ କିନ୍ତୁ ଚର୍ଚ୍ଚାରେ ମୋହର ବାଜିଛି।ଆଉ ଦିନ କେଇଟା ପରେ ନୂଆ ବର୍ଷ। କ୍ରିସ୍ମାସଠାରୁ ଏହାକୁ ନେଇ ସେଲିବ୍ରେଶନ ଆରମ୍ଭ ହୋଇଛି। ବଲିଉଡ୍ର ଷ୍ଟାରକିଡ୍ମାନେ ନିଆରା ଭାବେ ନୂଆ ବର୍ଷକୁ ପାଳନ କରିବାକୁ ଅଣ୍ଟା ଭିଡିଛନ୍ତି। ସେମାନଙ୍କ ମଧ୍ୟରୁ ସୁହାନା ନିଜର କଥିତ ପ୍ରେମିକ ଅଗସ୍ତ୍ୟଙ୍କ ସହ ବାପାଙ୍କ ଫାର୍ମହାଉସ୍ ଯାଇଛନ୍ତି। ଦୁହେଁ ଫାର୍ମହାଉସ ଯିବା ପାଇଁ 'ଗେଟ୍‌ୱେ ଅଫ୍ ଇଣ୍ଡିଆ' ରାସ୍ତାକୁ ବାଛିଥିଲେ। ସେଠାରୁ ସ୍ପିଡ୍ ବୋଟ୍ ନେଇ ଲୋକେଶନ୍ରେ ପହଞ୍ଚିଥିଲେ। ଏହି ସମୟରେ ସେମାନଙ୍କ ଭିଡିଓ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଉଭୟଙ୍କ ଯୋଡ଼ିକୁ ଲୋକେ ପସନ୍ଦ କରୁଛନ୍ତି।ପୂର୍ବରୁ ସୁହାନା ଦୀପାବଳି ପାର୍ଟିକୁ ଅଗସ୍ତ୍ୟଙ୍କ ସହ ଯାଇଥିଲେ। ଏହାଛଡ଼ା ଅନନ୍ୟା ପାଣ୍ଡେଙ୍କ 'କଲ୍ ମି ବେ'ର ପ୍ରିମିୟରରେ ଏକାଠି ନଜର ଆସିଥିଲେ। ଫିଲ୍ମ ବିଷୟରେ କହିଥିଲେ, ସୁହାନା ସୁଜୟ ଘୋଷଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଫିଲ୍ମ 'କିଙ୍ଗ୍' ଶୁଟିଂରେ ବ୍ୟସ୍ତ। ସେହିଭଳି ଅଗସ୍ତ୍ୟ ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଫିଲ୍ମ 'ଇକ୍କିସ'ରେ ନଜର ଆସିବେ।

## ରତ୍ନାବଳୀ କାଳୀ ଶକ୍ତିପୀଠ, ହୁଗଳୀ



। ରତ୍ନାବଳୀ କାଳୀଙ୍କ ଶକ୍ତିପୀଠ ରହିଛି । କାଳୀ ମାତାଙ୍କ ଏହି ପ୍ରସିଦ୍ଧ ମନ୍ଦିର ରତ୍ନାକର ନଦୀ ତଟରେ ଅବସ୍ଥିତ । ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ-ପୂଜନ ପାଇଁ ଆସିଥାନ୍ତି । ଏଠାରେ ଶକ୍ତିଙ୍କ ଅଦ୍ଭୁତ ଭକ୍ତି ଦେଖିବାକୁ ମିଳିଥାଏ। ଏପରି ମାନ୍ୟତା ରହିଛି ଯେ ଏଠାରେ ମାତା ସତୀଙ୍କ ଡାହାଣ କାନ୍ଧ ଖସିପଡ଼ିଥିଲା। ମନ୍ଦିରର ପୁରୋହିତ ଶିଶିର କୁମାର ବଟୋବୟାଲ୍ ଏବଂ ଚିନ୍ତାମଣି ମନୀ ବଟୋବୟାଲ୍ କୁହନ୍ତି ଯେ ବହୁବର୍ଷ ପୂର୍ବରୁ ରତ୍ନାକର ନଦୀ ନିକଟରେ ବ୍ରହ୍ମଚାରୀ ସ୍ୱରୂପାନନ୍ଦ ଏକ ପଥର ପାଇଥିଲେ । ଏହି ପଥର ମାତାଙ୍କ କାନ୍ଧ ଭଳି ପ୍ରତୀୟମାନ ହୋଇଥିଲା। ଏହି ପଥରକୁ ସେ ଏକ କଳସରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଏହାପରେ ସ୍ଥାନୀୟ ଲୋକମାନେ ଏଠାରେ ମନ୍ଦିରର ନିର୍ମାଣ କରାଇଲେ ଏବଂ ମାତା ରତ୍ନାବଳୀ କାଳୀଙ୍କ ମୂର୍ତ୍ତି ପ୍ରତିସ୍ଥାପିତ କରାଇଥିଲେ । ନବରାତ୍ରୀର ନଅ ଦିନ ମାତାଙ୍କ ନଅଟି ରୂପର ପୂଜା କରାଯାଇଥାଏ। ମା'କାଳୀଙ୍କ ଏହି ମନ୍ଦିର ଆନନ୍ଦମୟୀ ଧାମ ନାମରେ ମଧ୍ୟ ପ୍ରସିଦ୍ଧ ଅଟେ । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ପୂଜାରୀ ମାତାଙ୍କୁ 'କୁମାରୀ' ରୂପରେ ପୂଜା କରିଥାନ୍ତି ।

## ଘନ କେଶ ପାଇଁ ଉପକାରୀ ଅଦା



କେଶକୁ ଘନ ଓ ଲମ୍ୱା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି। ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ। ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ।


ଅଦା ଏକ ନାଚୁରାଲ୍ କଣ୍ଡିସନର୍ ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ। ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ୱା ଓ ମଜବୁତ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ।

୧. ବଜାରରେ ମିଳୁଥିବା ଜିଞ୍ଜର୍ ଅଏଲ୍ କେଶରେ ଲଗାନ୍ତୁ। ନଚେତ ନିଜେ ଘରେ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପ୍ରଥମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ। ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ। ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ସପ୍ତାହକୁ ଏପରି ଦୁଇ ଥର କରନ୍ତୁ। ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ।

୨. ଅଦା ଓ ଲେମ୍ବୁରସ ମଧ୍ୟ କେଶ ପାଇଁ ବ୍ୟବହାର କରିପାରିବେ। ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ଶାମ୍ପୁ କରିନିଅନ୍ତୁ। ଏହା ଦ୍ୱାରା ରୁପି ଦୂର ହେବ। ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ।

୩. କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ। ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ। ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ। ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ।


## ଦୁର୍ଯ୍ୟୋଧନ ହରାଇଲା, ଶ୍ରୀକୃଷ୍ଣଙ୍କୁ ପାଇଲେ ଅର୍ଜୁନ



ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରୀକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲା । କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ୍ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ଶେଷରେ ତାହା ହିଁ ହେଲା ।"

## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ

ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।

ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ।

ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ।

ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।

ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।

ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।

ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।

ବିରୋଧୀ ଦଳ ନେତାଙ୍କ ପୁରୀ,ଜଗତସିଂହପୁର,କେନ୍ଦ୍ରାପଡ଼ା ଓ କଟକର ଗସ୍ତ

# ଚାଷୀଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଲେ ନବୀନ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟନାୟକ ଆଜି ଦିନିକିଆ ପୁରୀ ଜଗତସିଂହପୁର କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ଗସ୍ତ ରେ ଯାଇ ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ପୁରୀ ର ସତ୍ୟବାଦୀ,କଟକ ର ସାଲେପୁର ଜଗତସିଂହପୁର ର ବାଲିକୁଦା ଓ କେନ୍ଦ୍ରାପଡ଼ା ର ପଟ୍ଟାମୁଣ୍ଡାଇ , ଅଂଚଳ ରେ କ୍ଷତ୍ରିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ ଏହି ସମୟରେ ହଜାର ହଜାର ଚାଷୀ ,ମହିଳା ଶ୍ରୀ ପଟନାୟକଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ.ସେମାନେ ଅଭିଯୋଗ କରିଥିଲେ ଯେ ବର୍ଷା ସମ୍ପର୍କରେ ସରକାର ଙ୍କ ପକ୍ଷରୁ ଆଗୁଆ ସୂଚନା ଜାରି କରା ଯାଇଥିଲେ ଫସଲ ବଞ୍ଚି ଯାଇଥାନ୍ତା ଓ ପ୍ରତିଦିନ ଚାଷୀ ପ୍ରାଣ ହରାଉନଥାନ୍ତେ ବୋଲି ଚାଷୀ ମାନେ କ୍ଷୋଭ ପ୍ରକାଶ କରିଥିଲେ. ସେହିପରି



ଫସଲ ବୀମା ସମ୍ପର୍କରେ ମଧ୍ୟ ସରକାର ଙ୍କ ତରଫରୁ ଠିକ ଭାବରେ ଅବଗତ କରାଯାଇନାହିଁ ବୋଲି ଚାଷୀ ମାନେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ପଟନାୟକ ଚାଷୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ସ ସେ ସବୁବେଳେ ଚାଷୀ ଭାଇ ଭଉଣୀ ଙ୍କ ସହ ଅଛନ୍ତି ଓ ସେମାନଙ୍କ ହକ ପାଇଁ ଲଢେଇ କରିବେ. ଶ୍ରୀ ପଟନାୟକ କହିଥିଲେ ଚାଷୀଙ୍କ ଦୁଃଖ ବୁଝିବାରେ ରାଜ୍ୟ ସରକାର ବିଫଳ. ଅଦିନିଆ ବର୍ଷା ରେ ପ୍ରତିଦିନ ରାଜ୍ୟରେ ଚାଷୀ ପ୍ରାଣ ହରାଉଥିବା ଦୁଃଖ ର କଥା .ରାଜ୍ୟ ସରକାର ଙ୍କ ଉପରେ ଚାଷୀ କୁଳ ର ଆଉ ଭରସା ନାହିଁ. ତୁରନ୍ତ ଚାଷୀ ଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ଶ୍ରୀ ପଟନାୟକ ସରକାରଙ୍କ ନିକଟରେ ଦୃଢ଼ ଦାବୀ ଜଣାଇଛନ୍ତି.

ସେ ସବୁବେଳେ ଚାଷୀ ମାନଙ୍କ ସହ ଅଛନ୍ତି ବୋଲି ବୋଲି ଆଶ୍ୱାସନା ଦେଇଥିଲେ।

ଏହି ଗସ୍ତ ଅବସରରେ ଗତକାଲି ପ୍ରାଣ ହରାଇଥିବା ବାଲିକୁଦା ସାରଣ ଗାଁ ର ଯୁବ ଚାଷୀ କୃତିବାସ ସ୍ୱାଇଁ ଙ୍କ ପରିବାର କୁ ଭେଟି ଶ୍ରୀ ପଟନାୟକ ସାନ୍ତ୍ୱନା ଜଣାଇଥିଲେ ।

# ଆଶାକର୍ମୀ ସଂଘର ଖୋର୍ଦ୍ଧା ଜିଲ୍ଲା ସମ୍ମିଳନୀ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ଦ୍ୱିତୀୟ ଖୋର୍ଦ୍ଧା ଜିଲ୍ଲା ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲାର ଭୁବନେଶ୍ୱର ମହାନଗର ନିଗମ ସମେତ ସମଗ୍ର ଜିଲ୍ଲାର ଆଶାକର୍ମୀମାନଙ୍କ ସମ୍ମିଳନୀ ଜିଲ୍ଲା ସଭାପତି ବସନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦିବଙ୍ଗତ ନେତୃମଣ୍ଡଳୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ସମ୍ମିଳନୀକୁ ଉଦ୍‌ଘାଟନ କରି ସଂଘର ରାଜ୍ୟ ସଭାପତି ତଥା ଏଆଇଟିୟୁସିର ସାଧାରଣ ସଂପାଦକ ତାଙ୍କ ବକ୍ତବ୍ୟରେ ଆଶାକର୍ମୀ ସଂଘ ନେତୃତ୍ୱରେ ଏବଂ ଏଆଇଟିୟୁସି ଡ଼ାକରାରେ ଯେଉଁ ଆନ୍ଦୋଳନ ସଂଗଠିତ ହୋଇଛି ସେଥିରେ ଜିଲ୍ଲାର ଆଶାକର୍ମୀଙ୍କ ଯୋଗଦାନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ବିଭିନ୍ନ ଦାବି ନେଇ ଐକ୍ୟବଦ୍ଧ ଆନ୍ଦୋଳନ ଜାରିରଖିବାକୁ ଆହ୍ୱାନ ଦେଇଥିଲେ। ପରେ ଜିଲ୍ଲା ସଂପାଦିକା ମଞ୍ଜୁ ଭୋଇ ସଂପାଦକୀୟ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସୁର ଜେନା ତାଙ୍କ ବକ୍ତବ୍ୟରେ ଆଶାକର୍ମୀଙ୍କ ବିଭିନ୍ନ ଦାବି ଯଥା ୱାର୍କର ମାନ୍ୟତା, ସର୍ବନିମ୍ନ ଭତ୍ତା ନେଇ ଚାଲିଥିବା ଆନ୍ଦୋଳନକୁ ଦୃଢ଼ ସମର୍ଥନ କରିବା ସହ ସଂଘର ପତାକା ତଳେ ସମସ୍ତ ଆଶାକର୍ମୀଙ୍କୁ ଐକ୍ୟବଦ୍ଧ ପାଇଁ ଆହ୍ୱାନ ଦେଇଥିଲେ।




ସଂଘର ସାଧାରଣ ସମ୍ପାଦିକା ତାଙ୍କ ବକ୍ତବ୍ୟରେ ଆଶାକର୍ମୀମାନଙ୍କ ଦାବି ହାସଲ ପାଇଁ ସାଂଗଠନିକ ସମ୍ମିଳନୀ ଆସନ୍ତା ଜାନୁଆରୀ ୧୧/୧୨ ଦୁଇ ଦିନ ଧରି ବଲାଙ୍ଗିର ଠାରେ ଚତୁର୍ଥ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ସମ୍ମିଳନୀର ଖୋଲା ଅଧିବେଶନ ପ୍ରଥମ ଦିନ ଅନୁଷ୍ଠିତ ହେବ। ଉକ୍ତ ଅଧିବେଶନକୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ, ମାନ୍ୟବର ବିଧାୟକ ବଲାଙ୍ଗିର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଏଆଇଟିୟୁସିର କେନ୍ଦ୍ର ରାଜ୍ୟ ନେତୃମଣ୍ଡଳୀ ଓ ସର୍ବଭାରତୀୟ ଫେଡ଼େରେସନର ନେତୃମଣ୍ଡଳୀ ଯୋଗଦେବେ। ସମ୍ମିଳନୀରେ ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଦାବି ହାସଲ ପାଇଁ ରଣନୀତି ପ୍ରସ୍ତୁତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳୀ ପ୍ରଧାନ, ମମତା ରାଉତ, ଟୁନି ମାନସିଂହ, ମମତା ପଣ୍ଡା, ରଞ୍ଜିତା ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଲୋକସେବା ଭବନକୁ ସାମ୍ବାଦିକଙ୍କୁ ମିଳିଲା ଅନୁମତି

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ଦୀର୍ଘ ବର୍ଷର ପରିଶ୍ରମର ଅନ୍ତ ହେବାକୁ ଯାଉଛି। ନୂଆ। ସରକାର ନେଇଛନ୍ତି ନୂଆ। ନିଷ୍ପତ୍ତି। ଦୀର୍ଘ ବର୍ଷ ହେଲା ଲୋକସେବା ଭବନ ସାମ୍ବାଦିକଙ୍କ ପାଇଁ ନୋ ଏଣ୍ଟ୍ରି ଥିବା ବେଳେ ଏବେ ତାହା ପୁଣି ଥରେ ଉନ୍ମୁକ୍ତ ହେବାକୁ ଯାଉଛି। ଅର୍ଥାତ ପୁଣି ଥରେ ଲୋକସେବା ଭବନ ଗେଟରେ ପ୍ରବେଶ କରି ପାରିବେ ସାମ୍ବାଦିକ। ଏଥିପାଇଁ ନୂଆ। ସରକାର ଗ୍ରୀନ୍ ସିଗନାଲ ଦେଇଥିବା ବେଳେ ଖୁବ୍ ଶୀଘ୍ର ଏହା ଲାଗୁ ହେବ। କୋଭିଡ ପୂର୍ବରୁ ସାମ୍ବାଦିକମାନେ ସ୍ୱାଭାବିକ ଭାବେ ଲୋକସେବା ଭବନକୁ ତଥ୍ୟ ସଂଗ୍ରହ ନିମନ୍ତେ ଯାଉଥିଲେ। କୋଭିଡ ସମୟରେ ସାମ୍ବାଦିକଙ୍କ ପ୍ରବେଶକୁ ବାରଣ କରାଗଲା। କିନ୍ତୁ କୋଭିଡ ପରେ ବି ଉକ୍ତ ନିୟମକୁ ବଳବତ୍ତର ରଖାଗଲା। ତାହାକୁ ଆଉ ବିଜେଡି ସରକାର ହଟାଇଲେ ନାହିଁ।

ମାତ୍ର ନୂଆ। ସରକାର ଆସିବା ପରେ ସାମ୍ବାଦିକଙ୍କ ନୋ ଏଣ୍ଟ୍ରି ଉପରୁ ହଟିଲା କଟାକଣା। ରାଜ୍ୟ ସରକାର ଗତ ୨୬ରେ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ଉଭୟ ସ୍ୱିକୃତୀ ଓ ଅଣ ସ୍ୱିକୃତୀପ୍ରାପ୍ତ ସାମ୍ବାଦିକଙ୍କୁ ମିଳିଛି ପ୍ରବେଶ ଅନୁମତି। ଏନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ ହୋଇ ନ ଥିବା ବେଳେ ଖୁବ୍ ଶୀଘ୍ର ଏହା ଲାଗୁ ହେବ ବୋଲି ଜଣାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଲୋକସେବା ଭବନରେ ପ୍ରବେଶ କରିବାକୁ ଇଚ୍ଛୁକ ଥିବା ସାମ୍ବାଦିକ ନିଜ ଆଧାର କାର୍ଡ ଦେବେ, ସଂସ୍ଥାର ପରିଚୟପତ୍ର ଦେବେ। ଏହାପରେ ଜଣେ ସାମ୍ବାଦିକ ଓ ଜଣେ ଫଟୋଗ୍ରାଫରଙ୍କୁ ହିଁ ପ୍ରବେଶ ଅନୁମତି ମିଳିବ। ଏହାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ବେଶୀ ଉତ୍ସାହ ଖେଳି ଯାଇଛି।

# ବିଏମ୍‌ସିର କାର୍ଯ୍ୟକଳାପ ଦେଖି ଶିଖିଲେ ରାଜସ୍ଥାନ ପ୍ରତିନିଧି ଦଳ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବି ଏମ୍ ସି)ର ସଶକ୍ତ ବର୍ଜ୍ୟ ପରିଚାଳନା ପଦ୍ଧତି ଖାସ୍ କରି ମଧ୍ୟମ ବର୍ଗର ଲୋକଙ୍କ ପାଇଁ ବର୍ଜ୍ୟ ପରିଚାଳନାର ବିକେନ୍ଦ୍ରୀକରଣ ପଦ୍ଧତି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କେବଳ ସ୍ୱତନ୍ତ୍ର ସ୍ଥାନ ନୁହେଁ, ଭୁବନେଶ୍ୱରକୁ ବର୍ଜ୍ୟ ପରିଚାଳନାର ଏକ ଶିକ୍ଷା କେନ୍ଦ୍ର ଭାବେ ଦେଶର ଅନ୍ୟ ମହାନଗର ନିଗମଗୁଡିକ ବିବେଚନା କରୁଛନ୍ତି । ତେଣୁ ଦେଶର ବିଭିନ୍ନ ମହାନଗର ନିଗମରୁ ବର୍ଜ୍ୟ ପରିଚାଳନା ସଂପର୍କରେ ଶିକ୍ଷାଲାଭ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ବହୁ ରାଜ୍ୟର ଅଧିକାରୀ, କର୍ମଚାରୀ, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଆସୁଛନ୍ତି ।

ଆନ୍ଧ୍ରପ୍ରଦେଶ, ତାମିଲନାଡୁଠାରୁ ଆରମ୍ଭ କରି ନାଗପୁର, ଆସାମ ପର୍ଯ୍ୟନ୍ତ ବିଭିନ୍ନ ମହାନଗର ନିଗମର ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଆସି ଭୁବନେଶ୍ୱର ମହାନଗର ନିଗମର ଏମଆରଏଫ, ଏମ୍ ସି ସି, ଏଫ୍ ଏସ୍ ଟି ପି ଇତ୍ୟାଦି ଦେଖିବା ସହ ଓଦା ଓ ସୁଖିଲା ବର୍ଜ୍ୟ ସଂଗ୍ରହ ସଂପର୍କରେ ଜ୍ଞାନ ଆହରଣ କରିଯାଇଛନ୍ତି । ସେହିପରି ଜଳ ପରିଚାଳନା ନେଇ ଗତ ୨୮ ତାରିଖରୁ ରାଜସ୍ଥାନର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଂଚଳ ବୁଲି ଦେଖିଥିଲେ । କେବଳ ଜଳ ପରିଚାଳନା ନୁହେଁ, ବର୍ଜ୍ୟ ପରିଚାଳନା ସଂପର୍କରେ ମଧ୍ୟ ସେମାନେ ବିଭିନ୍ନ ଏମ୍ ସି ସି, ଏମ ଆର ଏଫ, ଏଫ୍ ଏସ୍ ଟି ପି ଆଦି ବୁଲି ଦେଖିବା ସହ ବର୍ଜ୍ୟ ପୃଥକୀକରଣ ସଂପର୍କରେ ପଚାରି ବୁଝିଥିଲେ । ଜଳ ପରିଚାଳନା ସଂପର୍କରେ ୱାଟକୋ ଅଧିକାରୀମାନେ ଅବଗତ କରାଇଥିବା ବେଳେ ବର୍ଜ୍ୟ ପରିଚାଳନା ସଂପର୍କରେ ବି ଏମ୍ ସି ଅଧିକାରୀମାନେ ଅବଗତ କରାଇଥିଲେ । ସିଏଫଏଆର୍ ସଂଯୋଜନାରେ ଆୟୋଜିତ ଏହି ପରିଦର୍ଶନ ଓ ତାଲିମ କାର୍ଯ୍ୟକ୍ରମରେ ରାଜସ୍ଥାନ ନୈଭର ସଂସ୍ଥାର ପ୍ରତିଷ୍ଠାତା ଶ୍ରୀମତୀ ପୁଷ୍ପା ମାଇ, ଏନ୍ ଏଚ୍ ଏମ୍ ପ୍ରକଳ୍ପ ଅଧିକାରୀ ଶ୍ରୀ ଦିନେଶ କୁମାର, ରାଜସ୍ଥାନର ସ୍ୱେଚ୍ଛାସେବୀ ସଂଗଠନ ଏମ୍ ଏ ଏମ୍ ଟି ଏର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରବୀର ଗୋଏଲ, ୱେଡ ଓମେନ ଏମ୍ପାୱାରମେଣ୍ଟ ବିଭାଗର ପ୍ରବୀଣ ସିହ୍ନା, ଅତିରିକ୍ତ ନିର୍ଦ୍ଦେଶକ (ଏସ୍ ଏସ୍ ଇ ପି ଇ ଡି) ଶ୍ରୀ ଅଶୋକ କୁମାର , ଜୟପୁର ସିଫାର ପ୍ରକଳ୍ପ ସଂଯୋଜକ ଶ୍ରୀମତୀ କିରଣ ସିହ୍ନା ଓ ସିଫାର ରାଜସ୍ଥାନ ରାଜ୍ୟ ମୁଖ୍ୟ ଶ୍ରୀ ରବି କିରଣ ବୋକାମ, ସିଫାର ଓଡିଶା ରାଜ୍ୟ ମୁଖ୍ୟ ସମୀର ରଂଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଦା ସୁଖିଲା ବର୍ଜ୍ୟ ସଂଗ୍ରହ କରିବାରେ ଲୋକମାନଙ୍କର ସହଯୋଗ ଦେଖି ଏହି ପ୍ରତିନିଧି ଦଳ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ବର୍ଜ୍ୟ ପରିଚାଳନାରେ ମହିଳାଙ୍କ ଯୋଗଦାନ ଏବଂ ଗୋଷ୍ଠୀ ସହଭାଗିତାକୁ କିପରି କାର୍ଯ୍ୟକାରୀ କରିପାରିଲେ, ସେ ସଂପର୍କରେ ବିଭିନ୍ନ ପ୍ରଶ୍ନ ପଚାରିବା ସେ ତଥ୍ୟ ସଂଗ୍ରହ କରିଥିଲେ । ସହରର ସର୍ବତ୍ର ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟକରଣ ଓ ଜନ ସାଧାରଣ ଟ୍ରାଫିକ ନିୟମକୁ ସମ୍ମାନ ଦେବା ଦେଖି ସେମାନେ ଉଚ୍ଚ ପ୍ରଶଂସା କରିଥିଲେ । ରାଜ୍ୟ ତଥା ମହାନଗର ନିଗମ କିପରି ବିପର୍ଯ୍ୟୟ ପରିଚାଳନା କରୁଛି, ସଂପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳ ପୃଥକ ଭାବେ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମେୟର ଓ କମିଶନର ସେମାନଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।



# ତିରୁପତି ରାଷ୍ଟ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଚସ୍ପତିଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଭାଷା ସଂସ୍କୃତର ଗୁରୁତ୍ୱ ସର୍ବଜନବିଦିତ । ଭକ୍ତି ଓ ଆଧ୍ୟାତ୍ମିକ ସାହିତ୍ୟରେ ଏହାର ବହୁଳ ବ୍ୟବହାର ପରିଲକ୍ଷିତ ହୋଇଥାଏ। ଆମର ଆଧୁନିକ ଭାଷା ସଂସ୍କୃତର ମୂଳ ଆଧାରରୁ ସମୃଦ୍ଧ ହୋଇପାରିଛି । ଏପରିକି ଦକ୍ଷିଣ-ଏସୀୟ ଓ ଦକ୍ଷିଣ-ପଶ୍ଚିମ ଏସିଆନ୍ ଭାଷାର ମୂଳଭିତି ମଧ୍ୟ ସଂସ୍କୃତ । ସଂସ୍କୃତ ବା ଦେବନାଗରୀ ହିନ୍ଦୁଧର୍ମର ପବିତ୍ର ଭାଷା ହୋଇଥିବାବେଳେ ବୌଦ୍ଧ, ଜୈନ ଧର୍ମର ଦର୍ଶନ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।

ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀମତୀ ପାଢ଼ୀ ଶ୍ରୀମଦ୍ ଭଗବତଗୀତା ଉପରେ ବିଶଦ ଭାବେ ବାଖ୍ୟାନ କରି କହିଛନ୍ତି ଯେ ଗୀତା ପଠନ ଅଭ୍ୟାସ ଓ ଏହାର



ଦୈନନ୍ଦିନ ଜୀବନରେ ବ୍ୟବହାର ଦ୍ୱାରା ସୁସ୍ଥ ପରିବାର ସହ ସମୃଦ୍ଧ ସମାଜ ଗଠନ କରାଯାଇପାରିବ । ଦେବଭାଷା ସଂସ୍କୃତର ଚରମ ଉତ୍କର୍ଷକୁ ପ୍ରତିପାଦନ କରିବା ସହ ବିଶ୍ୱବିଦ୍ୟାଳୟ ଓଡ଼ିଶା ଚେୟାରର ବିକାଶ ଓ ଅଭିବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ରକ୍ଷା କରାଯିବ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟର ଓଡ଼ିଶା ଚେୟାର ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ପାଳନ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟରେ ୧୯୯୭ରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ଓଡ଼ିଶା ଚେୟାର ପ୍ରତିଷ୍ଠା କରାଯାଇଥିଲା । ଏଠାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀ ଜୟଦେବଙ୍କ ସାହିତ୍ୟ ଓ ଚୈତନ୍ୟଙ୍କ ଦର୍ଶନ ସମ୍ପର୍କରେ ଶିକ୍ଷା ଓ ଗବେଷଣା ଚାଲୁ ରହିଛି ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ଏସ୍. ଆଇ. କୃଷ୍ଣମୂର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ 'ଉତ୍କଳପୀଠ' ତଥା ଓଡ଼ିଶା ଚେୟାରର ନିର୍ଦ୍ଦେଶକ ଡା. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୁଳସଚିବ ପ୍ରଫେସର ଆଁ.ଜେ. ରମାଶ୍ରୀ ଉତ୍କଳପୀଠର ପରିଚୟ ତଥା କାର୍ଯ୍ୟକ୍ରମ ବିଷୟରେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ ।

# ଓଡ଼ିଶାରେ ମଣିପୁର୍ ମଡ଼େଲ ଶାସନ ଚାଲିଛି : ଜୟଦେବ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ଆଜି ପ୍ରଦେସ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ରୀ ଜୟଦେବ ଜେନା ଏକ ପ୍ରେସ୍ ବିଜ୍ଞାପ୍ତିରେ କହିଛନ୍ତି ଯେ, ଓଡ଼ିଶାରେ ମଣିପୁର ମଡ଼େଲ୍‌ର ଶାସନ ଚାଲିଛି। ଶ୍ରୀ ଜେନା କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ଧର୍ମାନ୍ତରିକରଣର ମିଥ୍ୟା ଅଭିଯୋଗରେ ଯେପରି ଭାବେ ଦୁଇଜଣ ନିରୀହ ଆଦିବାସୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି ଏହା ଦୁର୍ଭାଗ୍ୟ ଜନକ। ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ମୁଖୁରା ଗ୍ରାମର ସୁକାନ୍ତି ସିଂ ଏବଂ ନିଳଗିରି ବ୍ଲକ ଅନ୍ତର୍ଗତ ମଖାପଦା ଗ୍ରାମର ସୁବାସୀନି ସିଂ ଙ୍କୁ ଯେଉଳି ଭାବରେ ଗଛରେ ବାନ୍ଧି ନିର୍ମମ ପ୍ରହାର କରାଗଲା ଏବଂ ତଳେ ଗଡ଼େଇ ଗଡ଼େଇ ଚପଲ ପାହାର ମରାଗଲା ଏହି କଥା ଏବେ ଦେଶ ବିଦେଶରେ ଚର୍ଚ୍ଚା ହେଉଛି ଏବଂ ଦୃଢ଼ ନିନ୍ଦା କରାଯାଉଛି। ଲୋକସଭାର ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧି ମଧ୍ୟ ଏହି ସଂକ୍ରାନ୍ତରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ଏହି ଅଭାବନୀୟ ଘଟଣାର ସୁତ୍ରଧର ହେଉଛନ୍ତି ବାଦଲ ପଣ୍ଡା ଯିଏ କି, ସାଧାରଣ ଲୋକଙ୍କୁ ଉସୁକାଇ ଏବଂ ନିଜେ ଏହି ଅପରାଧ ଘଟାଇ ଥିଲେ। ବାଦଲ ପଣ୍ଡା ସେଠାରେ ସାଂସଦ ପ୍ରତାପ୍ ଷଡ଼ଙ୍ଗୀଙ୍କର ଡ଼ାହାଣ ହାତ ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଛି। ଧର୍ମାନ୍ତରିକରଣ ନାମରେ ଆଦିବାସୀ ମହିଳାଙ୍କୁ ଅତ୍ୟାଚାର କରାଗଲା ଏବଂ ଏ ସଂପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯିଏକି ଜଣେ ଆଦିବାସୀ ସେ ମୁହଁ ଖୋଲିଲେ ନାହିଁ। ଦେଶର ମହାମହୀମ ରାଷ୍ଟ୍ରପତି ଯିଏ କି ଓଡ଼ିଶାର ଏବଂ ଆଦିବାସୀ ବର୍ଗର ଅଟନ୍ତି ସେ ମଧ୍ୟ ନୀରବ। ତେବେ ମୋହନ ସରକାର କ'ଣ ଓଡ଼ିଶାକୁ ମଣିପୁର କରିବାକୁ ଚାହୁଁଛନ୍ତି କି ? ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଏଭଳି ଅପରାଧିକ ଘଟଣା ପାଇଁ ଚର୍ଚ୍ଚାରେ ରୁହନ୍ତି। ସେ ସବୁବେଳେ ନିଜର ରାଜନୈତିକ ଫାଇଦା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ଆକ୍ରମଣ କରି ଚର୍ଚ୍ଚାରେ ରୁହନ୍ତି। ଗ୍ରାହାମ୍ ଷ୍ଟେନ୍ ହତ୍ୟାକାଣ୍ଡ ଘଟଣାରେ ପ୍ରତାପ ଷଡ଼ଙ୍ଗୀ ତଦନ୍ତ ପରିସରଭୁକ୍ତ ଥିଲେ। ନୀଳଗିରି ଓ ରେମୁଣାରେ ବାଦଲ ପଣ୍ଡା ସାଂସଦ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରୁଛି। ଓଡ଼ିଶାରେ ସଂଖ୍ୟାଲଘୁ ମାନେ ମୋହନ ସରକାରରେ ଆତଙ୍କିତ ଅନ୍ୟ ପକ୍ଷରେ ଆଦିବାସୀ ଓ ଦଳିତ ମହିଳା ମାନେ ମଧ୍ୟ ଏହି ସରକାରରେ ଅସୁରକ୍ଷିତ। ଆଦିବାସୀ ଓ ସଂଖ୍ୟାଲଘୁ ସଂପ୍ରଦାୟର ନେତୃତ୍ୱ ମୋହନ ସରକାରର ମଣିପୁର ରାଜ୍ ବିରୁଧରେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଛନ୍ତି। ଡ଼ବଲ୍ ଇଞ୍ଜିନ୍ ସରକାରରେ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯସ୍ତ ହୋଇପଡ଼ିଛି ବୋଲି ଶ୍ରୀ ଜେନା କହିଛନ୍ତି।

# ବିଧାୟକଙ୍କୁ ଦେଖି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିବା ବିଏମସି ଅଧିକାରୀ ଛୁ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ଭୁବନେଶ୍ୱରରେ ଏକ ବିଚିତ୍ର ଘଟଣା ଘଟିଛି। ବିଏମସି, ବିଡ଼ିଏର ଉଚ୍ଛେଦକାରି ଦଳ ଡ଼ୋଜର ସହ ୟୁନିଟ୍-୨ ଏରିଆରେ ଉଠାଦୋକାନୀମାନଙ୍କୁ ଜୋରଜବରଦସ୍ତ ଉଚ୍ଛେଦ କରିବା ପାଇଁ ଆସିଥିଲେ। ସେହି ସମୟରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଙ୍ଗ ଜୋନ୍ ମହାସଂଘର ଉପସଭାପତି ସୂର୍ଯ୍ୟମଣୀ ସାହୁ, ନିରଞ୍ଜନ ପାଣ୍ଡେ, ଇବି ମେମ୍ବର ସୁଦର୍ଶନ ସାହୁ, ମଞ୍ଜୁଲତା ନାୟକ ସେଠାରେ ପହଁଞ୍ଚି ବିଏମ୍‌ସି ସହିତ ଉଠାଦୋକାନୀମାନଙ୍କୁ ଆଇନ ଅନୁଯାୟୀ ନହଟେଇବା ପାଇଁ ଅନୁରୋଧ କରିଥିଲେ। ବିଏମ୍‌ସିର କର୍ମଚାରୀମାନେ କୌଣସି କଥା ନଶୁଣି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଦୋକାନୀମାନେ ହାତରେ ପ୍ଲାକ କାର୍ଡ଼ ଧରି ଧାରଣାରେ ବସିଥିଲେ।



ସେତିକିବେଳେ କିଛି ଦୋକାନୀମାନେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନାଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ। ତତ୍‌କ୍ଷଣାତ ଶ୍ରୀଯୁକ୍ତ ଜେନା ଉଠାଦୋକାନୀମାନଙ୍କ ସହିତ ଡ଼ୋଜର ପାଖକୁ ଆସିବା ସମୟରେ ଶ୍ରୀଯୁକ୍ତ ବିଧାୟକଙ୍କୁ ଉଚ୍ଛେଦକାରୀ ଦଳ ଦେଖି ଡ଼ୋଜର ଓ ଏକ ମିନି ଟ୍ରକ୍‌କୁ ଛାଡ଼ି କେଉଁଆଡ଼େ ପଳାଇଯାଇଥିଲେ। ଶ୍ରୀଯୁକ୍ତ ବିଧାୟକ ବିଏମ୍‌ସି ଅଧିକାରୀଙ୍କୁ ଖୋଜିଲାବେଳକୁ ଗାଡ଼ିରେ ଆଉ କେହି ନାହାଁନ୍ତି। ଶ୍ରୀଯୁକ୍ତ ଜେନା ବିଏମସିର ଡ଼େପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଫୋନ୍ ମାଧ୍ୟମରେ ଗରିବ ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନକରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଉଠାଦୋକାନୀମାନଙ୍କର ମାନ୍ୟବର ହାଇକୋର୍ଟଙ୍କର ରହିତାଦେଶ ରହିଅଛି ତେଣୁ ତୁମେ ସେମାନଙ୍କୁ ଉଠାଇପାରିବ ନାହିଁ ବୋଲି କହିଥିଲେ। ସେପଟେ ଶ୍ରୀଯୁକ୍ତ ଡ଼େପୁଟି କମିଶନର ଅଜୟ କୁମାର ମହାନ୍ତି ଓ ଜଏଣ୍ଟ ଡ଼େପୁଟି କମିଶାନର ମଧ୍ୟ ରାଜଲକ୍ଷ୍ମୀ ମାଡ଼ାମ କଳ୍ପନା ଛକ ନିକଟରେ ଥିବା ଉଠାଦୋକାନୀମାନଙ୍କୁ ଡ଼ାକି ତାଙ୍କ ସାଥିରେ ବସି ଉଠାଦୋକାନୀମାନଙ୍କର ଥଇଥାନ ଉପରେ ଆଲୋଚନା କରିଥିଲେ। ଅନ୍ୟ ଦିଗରେ ବିଏମ୍‌ସି ଆଜି ୧୨ଟି ଜାଗାରେ ଉଚ୍ଛେଦ କରିବାକୁ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନକରି ଫେରି ଆସିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ ଓଡ଼ିଶାକୁ ପ୍ରବାସୀ ଭାରତୀୟମାନେ ଆସୁନାହାଁନ୍ତି ଯେ ୨୦ହଜାର ଲୋକଙ୍କର ଜୀବନ ଜୀବିକା ଛଡ଼େଇ ନେବାକୁ ଆସୁଛନ୍ତି। ଯଦି ରାଜ୍ୟ ସରକାର ଉଠାଦୋକାନୀ ଉଚ୍ଛେଦ ବନ୍ଦ ନକରନ୍ତି ତାହେଲେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଏମସି ଅଧିକାରୀ ଓ ରାଜ୍ୟ ସରକାର ଦାୟୀ ରହିବେ।

# ରାଜ୍ୟରେ ପୁରୁଷ କମିଶନ ଗଠନ ହେଉ

**ଭୁବନେଶ୍ୱର,୩୧।୧୨ (ମହାଭାରତ):** ରାଜ୍ୟରେ ଗଠନ ହେବା ଦରକାର ପୁରୁଷ କମିଶନ। ପୁରୁଷ କମିଶନ ହେବା ନିତ୍ୟାନ୍ତ ଆବଶ୍ୟକ ବୋଲି ଆଜି ମତ ବ୍ୟକ୍ତ କରିଛନ୍ତି ବାବା ବଳିଆ। ଦେଶ ତଥା ରାଜ୍ୟରେ ପୁରୁଷଙ୍କ ପ୍ରତି ବଢୁଥିବା ନିର୍ଯାତନାକୁ ଦୃଷ୍ଟିରେ ରଖି କିଛି ଏପରି ମତ ରଖିଛନ୍ତି ବାବା ବଳିଆ। ଏହି ନିକଟରେ ଜଣେ ଇଂଜିନିୟର ଅତୁଲ ସୁବାଷଙ୍କ ସହ ଘଟିଥିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ବିବାହ ବିଚ୍ଛେଦ ପରେ ବି କିପରି ସ୍ତ୍ରୀ ଜଣଙ୍କ ନିଜ ସ୍ୱାମୀଙ୍କ ଉପରେ ଅତ୍ୟାଚର କରୁଥିଲେ, ଯେଉଁଥିରେ ଅତିଷ୍ଟ ହୋଇ ଶେଷରେ ଜୀବନ ହାରିଥିଲେ ଅତୁଲ। ଖାଲି ଅତୁଲଙ୍କ ଘଟଣା ନୁହେଁ, ବିଭିନ୍ନ ସ୍ଥାନରେ ପୁରୁଷଙ୍କୁ ନେଇ ଅନେକ ଘଟଣା ସାମ୍ନାକୁ ଆସିଛି। କିନ୍ତୁ ସମାଜ ପ୍ରଥମେ ଏଥିରେ ପୁରୁଷଟିର ଭୁଲ୍ ହିଁ ଖୋଜିଥାଏ। ଯେଉଁ କାରଣରୁ ବେଳେ ବେଳେ ଦୋଷ ନଥାଇ ମଧ୍ୟ ବଳି ପଡନ୍ତି ପୁରୁଷ। ଯାହାକୁ ନେଇ ଏବେ ଚିନ୍ତା ପ୍ରକଟ କରିଛନ୍ତି ବାବା ବଳିଆ। ଏନେଇ ପଦ୍ମଶ୍ରୀ ଗୁରୁ ବାବା ବଳିଅ। କହିଛନ୍ତି ଯେ, ସାମାଜିକ ନ୍ୟାୟର ଆଲୋଚନାରେ ପ୍ରାୟତଃ ପୁରୁଷମାନଙ୍କୁ ଅଣଦେଖା କରାଯାଉଛି। ଆଉ ସେମାନଙ୍କ ଉପରେ ମିଥ୍ୟା ଅଭିଯୋଗ ଏବଂ ଅନୁଚିତ ବ୍ୟବହାର ସମେତ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଉତ୍ପୀଡ଼ନ ମାମଲା ବୃଦ୍ଧି ପାଉଛି। ତେଣୁ ପୁରୁଷମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ଏକ ପୁରୁଷ କମିଶନ ଗଠନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖାଲି ସେତିକି ନୁହେଁ ବର୍ତ୍ତମାନ ବୁଢାବୁଢି ହେବା ପରେ ବାପା ମା'ଙ୍କୁ ସନ୍ତାନସନ୍ତତିମାନେ ଯେଉଁଭଳି ଭାବେ ହଇରାଣ କରୁଛନ୍ତି ତାକୁ ନେଇ ମଧ୍ୟ ଦାବି ରଖିଛନ୍ତି ବାବା ବଳିଆ। ଅବହେଳିତ ବୁଢ଼ା ବାପା ମା' ପାଇଁ ପିତୃମାତୃ କମିଶନ ମଧ୍ୟ ଜରୁରୀ ବୋଲି କହିଛନ୍ତି। ଏନେଇ କମିଶନ ଗଠନ କରିବାକୁ ଦାବି କରିଥିବା ବେଳେ ଆବଶ୍ୟକ ପଡିଲେ ସୁପ୍ରିମକୋର୍ଟରେ ଏହି ପ୍ରସ୍ତାବ ରଖିବେ ବୋଲି କହିଛନ୍ତି ବାବା ବଳିଆ। ଏଥିସହିତ ସମାଜରେ ବିଧବା ମହିଳାଙ୍କୁ ସମ୍ମାନ ଦେବା ପାଇଁ ବି ଦାବି କରିଛନ୍ତି ବାବା। କହିଛନ୍ତି, ବିଧବାଙ୍କୁ ମଧ୍ୟ ମାଙ୍ଗଳିକ କାର୍ଯ୍ୟରେ ସାମିଲ କରିବା ଉଚିତ୍।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ



# ଟ୍ରୁଡୋଙ୍କ ସ୍ଥିତି ଟଳମଳ

ଆସନ୍ତା ବର୍ଷ ଅକ୍ଟୋବରରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ତା ପୂର୍ବରୁ ସଂସଦକୁ ଭାଙ୍ଗି ଆଗୁଆ ନିର୍ବାଚନ କରିବାକୁ ବିରୋଧୀ ଦାବି କରିଥିବା ବେଳେ ନିର୍ବାଚନ ପୂର୍ବରୁ ଦଳରେ ନେତୃତ୍ୱ ପରିବର୍ତ୍ତନ ଲାଗି ଶାସକ ଦଳରେ ଦାବି ଉଠୁଛି । ଇତିମଧ୍ୟରେ ଟ୍ରୁଡୋଙ୍କ ବିଶ୍ୱସ୍ତ ଏବଂ ଅନୁଗତ ଭାବେ ପରିଚିତ ଉପ-ପ୍ରଧାନମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସମ୍ଭବତଃ ସେ ବିଦ୍ରୋହୀ ଗୋଷ୍ଠୀର ନେତୃତ୍ୱ ନେବେ । ଟ୍ରୁଡୋଙ୍କ ଏହି ସ୍ଥିତି ପାଇଁ ସେ ନିଜେ ଦାୟୀ । ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ସମସ୍ତେ ଅବଗତ । ଏହାର କାରଣ ଅନେକ ଥଇପାରେ । ପ୍ରଥମତଃ ସେ କାନାଡ଼ାରେ ବସବାସ କରୁଥିବା ଶିଖ ଧର୍ମାବଲମ୍ବୀ ବିଶେଷ କରି ଭାରତୀୟ ବଂଶୋଦ୍ଭବଙ୍କ ରାଜନୈତିକ ସମର୍ଥନ ପାଇଁ ଏଭଳି କରୁଛନ୍ତି । କାନାଡ଼ାରେ ବସବାସ କରୁଥିବା ଅଧିକାଂଶ ଶିଖ ଧର୍ମାବଲମ୍ବୀ ହେଉଛନ୍ତି ଖଲିସ୍ତାନ ସମର୍ଥକ । ସେମାନଙ୍କୁ ଖୁସି କରିବା ପାଇଁ ସେ ସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି । ତାଙ୍କ ସମୟରେ ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି । ଏବେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି । ପରିସ୍ଥିତି ଏପରି ହୋଇଛି ଯେ, ଭାରତ କାନାଡ଼ାସ୍ଥିତ ନିଜ ଦୂତାବାସରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି । ନୂଆଦିଲ୍ଲୀସ୍ଥିତି କାନାଡ଼ା ଦୂତାବାସର ୬ଜଣ କର୍ମଚାରୀଙ୍କୁ ଭାରତ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି । କାନାଡ଼ା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି । ଭାରତ ବିରୋଧରେ ଟ୍ରୁଡୋଙ୍କ ଅଭିଯୋଗର ପ୍ରତିବାଦରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି । ଗତ ବର୍ଷ ଜୁନରେ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଖଲିସ୍ତାନୀ ନେତା ହତ୍ୟାର ଶୀକାର ହୋଇଥିଲେ । ତାଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ରହିଛି ବୋଲି ଟ୍ରୁଡୋ ମୂଳରୁ ଅଭିଯୋଗ କରି ଆସିଛନ୍ତି । କିନ୍ତୁ ଏହାର ପ୍ରମାଣ ଉପସ୍ଥାପନରେ ସେ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହାଁନ୍ତି । ଭାରତ ହେଉଛି ମହାତ୍ମା ଗାନ୍ଧିଙ୍କ ଦେଶ । ଅହିଂସା ହେଉଛି ଏହାର ନୀତି । ଶାନ୍ତି ଏହାର ଆଦର୍ଶ । ବିଶ୍ୱର କୌଣସି ଦେଶରେ ବି ଆତଙ୍କବାଦକୁ ଭାରତ ସମର୍ଥନ କରିନାହିଁ । ଆତଙ୍କବାଦକୁ ବିରୋଧ କରୁଥିବା ଦେଶର ତାଲିକାର ପ୍ରଥମ ସ୍ଥାନରେ ରହିଛି ଭାରତ । ସ୍ୱାଧୀନତା ପରଠାରୁ ଭାରତ ସବୁ ବେଳେ ଆତଙ୍କବାଦ ବିରୋଧରେ ସଂଘର୍ଷ କରିଆସୁଛି । ଭାରତ ଏକ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର । ଏହାକୁ ପାକିସ୍ତାନ ସହ ତୁଳନା କରାଯିବା ଅନୁଚିତ । ଜଷ୍ଟିନ ଟ୍ରୁଡୋ ଏହା ଭଲଭାବେ ଜାଣିଛନ୍ତି । ଏହା ସତ୍ତ୍ୱେ କେବଳ ଭାରତକୁ ନିନ୍ଦିତ କରିବା ଏବଂ ସମାଲୋଚନା କରିବା ପାଇଁ ସେ ବାରମ୍ବାର ନିଜ୍ଜର ଭଳି ଏକ ଆତଙ୍କବାଦୀର ହତ୍ୟା ପାଇଁ ଭାରତକୁ ଦୋଷ ଦେଇ ଆସୁଛନ୍ତି । ନିଜ୍ଜରର ହତ୍ୟା କାନାଡ଼ାରେ ହୋଇଛି । ହତ୍ୟାକାରୀ କାନାଡ଼ାର ବାସିନ୍ଦା ହୋଇଥାଇପାରନ୍ତି । ଏହାର ଅନୁସନ୍ଧାନ କରି ହତ୍ୟାକାରୀକୁ ଧରିବା ଏବଂ ଦଣ୍ଡିତ କରିବା ହେଉଛି କାନାଡ଼ା ପୋଲିସର କାର୍ଯ୍ୟ । ଏଥିରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି । ଅପରାଧୀକୁ ଧରିବାରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି । ଏହା ଭାରତର କାମ ନୁହେଁ । ନିଜ ବିଫଳତାକୁ ଲୁଚାଇବା ପାଇଁ ଟ୍ରୁଡୋ ଭାରତ ମୁଣ୍ଡରେ ଅଠା ବୋଳିବା ଦୁର୍ଭାଗ୍ୟଜନକ । ଭାରତରେ ଅନେକ ହତ୍ୟାକାଣ୍ଡ ହେଉଛି । ଅନେକ ହତ୍ୟା ପଛରେ ବିଦେଶୀ ଶକ୍ତି ବା ଆତଙ୍କବାଦୀଙ୍କ ହାତ ରହୁଛି । କିନ୍ତୁ ଭାରତ ସବୁ ବେଳେ ଅପରାଧୀକୁ ନିଜ ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଧରୁଛି ଏବଂ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡିତ କରୁଛି । ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ରାଜୀବ ଗାନ୍ଧିଙ୍କ ହତ୍ୟା, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂହଙ୍କ ହତ୍ୟା ପାଇଁ ଭାରତ କେବେ ପଡ଼ୋଶୀ ଦେଶକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନାହିଁ ।

# ନୂଆବର୍ଷ ହେଉ ଆନନ୍ଦର ବର୍ଷ

॥ ଡାକ୍ତର ସମ୍ରାଟ କର ॥

ଘରର କ୍ୟାଲେଣ୍ଡରଟି ହେଉ ବା ବ୍ୟବହାର କରାଯାଉଥିବା ଦୈନିକ ଡାଏରୀଟି ବଦଳିଯିବ । ଘରେ ନୂଆ କ୍ୟାଲେଣ୍ଡର ଲାଗିବ ଆଉ ନୂଆବର୍ଷ ପାଇଁ ମନଲାଖି ଡାଏରୀଟି ବି କିଣା ହେବ କିନ୍ତୁ ନୂଆବର୍ଷକୁ ନେଇ ଆମ ମାନଙ୍କ ଭିତରେ ଆତ୍ମପ୍ରତୟର ଶପଥ ନେବାର ମୁହୂର୍ତ୍ତକୁ କେହିବି ଭୁଲିବା କଥା ନୁହେଁ । ବିଦାୟ ଦେଇଥିବା ପୁରୁଣାବର୍ଷର ଦୁଃଖ, ଅଭାବ ଓ ବିଭିନ୍ନ ଯନ୍ତ୍ରଣାକୁ ଭୁଲି ନୂଆବର୍ଷ ପାଇଁ ଅନେକ କିଛି କରିବାର ଆଉ ଜୀବନକୁ ଭଲ ବାଟରେ ଗଢ଼ିତୋଳିବା ପାଇଁ ଦୃଢ଼ ପ୍ରତିଜ୍ଞ ହେବାର ବର୍ଷଟି ପାଇଁ ମନ ଭିତରେ ଆତ୍ମବଳକୁ ଦୃଢ଼ କରାଯାଉ । ଭୟାବହ ଫାଇଲିନ୍‌ର କାଳବୈଶାଖୀ ହେଉ ବା ନଈବଢ଼ିରେ ସବୁକିଛି ହରାଇ ହଜାଇ ଦେଇଥିବାର ଛାତିଫଟା ଦୁଃଖ, କୌଣସି ଅଘଟଣ ବା ଦୁର୍ଘଟଣ ଆପଣଙ୍କର ପ୍ରିୟଜନଙ୍କୁ ଛଡ଼ାଇ ନେଉ ବା ବୃତ୍ତିଗତ କ୍ଷେତ୍ରରେ କୌଣସି ଯନ୍ତ୍ରଣାର ମୁହୂର୍ତ୍ତ ସବୁକିଛିକୁ ଭୁଲି କିଛି ନୂଆ କରିବା ପାଇଁ ମନବଳକୁ ପ୍ରତିଜ୍ଞାବଦ୍ଧ କରିବାର ଦିନଟି ହେଉ ନୂଆବର୍ଷର ପ୍ରଥମ ଦିନ । ଅଭାବ ହେଉ ବା ଅପମାନ, ଯନ୍ତ୍ରଣା ହେଉ ବା ହରାଇବାର ଗଭୀର ଦୁଃଖ ସବୁକିଛିକୁ ମାନସିକ ବିଷାଦର କଳା ବାଦଲ ତଳୁ ଠେଲି ଦେଇ ମାନସିକ ସ୍ତରରେ ନିଜେ ସୁଦୃଢ଼ ହେବାସହ ଅନ୍ୟମାନଙ୍କୁ ମଧ୍ୟ ବିଷାଦରୁ ଆନନ୍ଦମୟ ମୁହୂର୍ତ୍ତ ପାଇଁ ପ୍ରେରଣା ଯୋଗାନ୍ତୁ । ରକ୍ତମାଂସର ଶରୀର ଧରି ତେଲଲୁଣ ସଂସାର ଭିତରେ ଜୀବନ ଜୀଉଁଥିବା ସମସ୍ତେ କିଛି ନା କିଛି ଅବସାଦ ଓ ବିଶାଦରେ ଆକ୍ରାନ୍ତ । ମୁଦ୍ରାସ୍ଫୀତିର ଉଚ୍ଚ ବେଲଗାମ ଧାଁ ଧଉଡ଼ ହେଉ ବା ବଜାରର ଦରଦାମର ଚଡ଼କ, ଦୁର୍ଘଟଣାରେ ନିଜଲୋକଟିଙ୍କୁ ହରାଇବାର ଦୁଃଖ ହେଉ ବା ପରୀକ୍ଷାରେ ଅସଫଳତା, ଦାମ୍ପତ୍ୟ ଜୀବନରେ ଝଡ଼ ହେଉ ବା ହାତ ପାହାନ୍ତାରୁ ନିଜ ବୃତ୍ତିକ୍ଷେତ୍ରଟି ହରାଇବାର ଗଭୀର ଦୁଃଖକୁ ଭୁଲି ନିଜ ଭିତରୁ କିଛି କରିବାର ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବାର ଆତ୍ମ ପ୍ରଚେଷ୍ଟାର ଶୁଭବର୍ଷ ହେଉ ଏହି ନୂଆବର୍ଷଟି ।

ମାନସିକ କ୍ଷେତ୍ରରେ ଦେଖାଦେଇଥାଏ ପ୍ରତିଦିନ ଅର୍ହନିଷ ସମସ୍ତେ ନିଜ ଜୀବନ ଜୀବିକା ହେଉ ବା କ୍ୟାରିୟର, ଏହାକୁ ନେଇ ବ୍ୟସ୍ତ ଓ ଚିନ୍ତିତ । ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍‌ବେଗତା ମଣିଷର ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ସେଇଥିପାଇଁ କୁହାଯାଏ ଯେ ଆନନ୍ଦ ଓ ପ୍ରଫୁଲ୍ଲତାପୂର୍ଣ୍ଣ ଜୀବନଟି ଅନେକଙ୍କ ଜୀବନର ଆୟୁକୁ ବର୍ଦ୍ଧିତ କରିଥାଏ । ଆୟୁ ବଢ଼ିବା ବଡ଼କଥା ନୁହେଁ ସବୁଠାରୁ ବଡ଼କଥା ହେଉଛି ଭଲରେ ଓ ଶାନ୍ତିରେ ଜୀବନଟି ବିତାଇବା । ସଂସାର ଜୀବନରେ ଡଙ୍ଗା ଚଳାଇଲା ବେଳେ ଅନେକ କିଛି ଘାତପ୍ରତିଘାତକୁ ସମ୍ମୁଖୀନ ହେବାକୁ ତ ପଡ଼ିବ ନିଶ୍ଚୟ ତେବେ ଯେତେବେଳେ ବି ମାନସିକ ସ୍ତରରେ କୌଣସି ପ୍ରକାର ବିଷର୍ଣ୍ଣତା ବା ଅସୁସ୍ଥତା ତୁରନ୍ତ ମାନସିକ ରୋଗ ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ । ଏ କ୍ଷେତ୍ରରେ ପ୍ରାଥମିକ ସମୟରୁ ହିଁ ମାନସିକ ରୋଗ ବିଶେଷଜ୍ଞ ପରାମର୍ଶ ସହ କାଉନ୍‌ସେଲିଂ ହେଉ ବା ଚିକିତ୍ସା ଆରମ୍ଭ କରିଥାନ୍ତି । ମାନସିକ ଅବସାଦ ଭୋଗୁଥିବା ଯେ କେହି ବି ହୁଅନ୍ତୁ ଚିକିତ୍ସା ସମୟରେ ଡାକ୍ତରଙ୍କୁ ସବୁକିଛିର ଘଟଣାବଳୀ ସହ ପରିପାର୍ଶ୍ୱ ସମ୍ବନ୍ଧୀୟ ସମସ୍ତ ସୂଚନା ଖୋଲି କୁହନ୍ତୁ । ପରବର୍ତ୍ତୀ ସମୟରେ ନିୟମିତ ଚିକିତ୍ସା ସହ ମାନସିକ ବିଷାଦତା ଭିତରେ ଜର୍ଜରିତ ରୋଗୀଟିକୁ ବଞ୍ଚିବାର ସାନ୍ତ୍ୱନା ଓ ପ୍ରେରଣା ଯୋଗାନ୍ତୁ । ଅନେକ ହୁଏତ ଜାଣିନଥାନ୍ତି ଯେ ଚିକିତ୍ସା ସହ ଏହି ମନସ୍ତାତ୍ତ୍ୱିକ ସୁଖଦୁଃଖ ହେଉ ବା ପରାମର୍ଶ ରୋଗୀଟି ପାଇଁ ଏହା ଦିବ୍ୟ ସଂଜ୍ଞିବନୀ ପରି କାର୍ଯ୍ୟ କରିଥାଏ । ତେବେ କୌଣସି ପ୍ରକାର ଗୁଣିଗାରେଡ଼ି ବା କାହା କାନକୁହା କଥା ଶୁଣି ତୁଟୁକା ଚିକିତ୍ସା ନକରି ବରଂ ତୁରନ୍ତ ମାନସିକ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । କାରଣ ଗୁଣି ଗାରେଡ଼ି ଚିକିତ୍ସା ରୋଗୀଟି ପାଇଁ ପରବର୍ତ୍ତୀ ସମୟରେ ଘାତକ ବି ସାବ୍ୟସ୍ତ ହୋଇପାରେ । ମାନସିକ ବିଷର୍ଣ୍ଣତା ଅଧିକ ଦିନ ଦେଖାଦେଲେ ଏହା ଲୋକଟି ପାଇଁ ଅତ୍ୟଧିକ ବିରକ୍ତିର କାରଣ ବି ହୋଇଥାଏ । ନିଜେ ନିଜକୁ ବୁଝାଇ ନିଜ ଆଖାପାଖକୁ ଚିହ୍ନି ପାରୁନଥିବା ଲୋକଟି ଯେତେବେଳେ ସମାଜର ସାମାଜିକ ଜୀବନ ଠାରୁ ଦୂରେଇ ରହେ ସେତେବେଳେ ସେ ନିଶ୍ଚିତ ଭାବରେ ଖୋଜିଥାଏ କାହାର ନା କାହାର ସହଯୋଗର ଓ ଭଲ ପାଇବାର ହାତକୁ ! ଏହା ହାତଟି ବଢ଼ାଇବା ପାଇଁ ସେ ଲୋକର ପରିବାରର ଆତ୍ମୀୟ ସ୍ୱଜନଙ୍କ ଠାରୁ ଏ ସମାଜର ସମସ୍ତଙ୍କର ବି ଦାୟିତ୍ୱ ରହିଛି । ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ମାନସିକ ବିଷାଦତାକୁ ସମ୍ମୁଖୀନ ହୋଇ ପରିବାର ଓ ସମାଜ ପାଇଁ ଆତଙ୍କର କାରଣ ଆଶଂକା କରି ଅନେକ ଲୋକେ ବର୍ଷ ବର୍ଷ ଧରି ନିଜ ପରିବାରରେ ଥିବା ମାନସିକ ରୋଗୀଟିକୁ ଶିକୁଳିରେ ବାନ୍ଧି ରଖୁଛନ୍ତି । ଏହା ଲୋକଲୋଚନକୁ ଆସିବା ପରେ କିଛି ସମାଜ ସେବା ସଂଗଠନ ଆଗେଇ ଏମାନଙ୍କ ଚିକିତ୍ସା ଦାୟିତ୍ୱ ହାତକୁ ନେଉଛନ୍ତି ସତ କିନ୍ତୁ ଏଥିରେ ଯଥେଷ୍ଟ ବିଳମ୍ବ ହୋଇଯାଉଛି । ବିଦାୟ ବର୍ଷରେ ନିଜ ନିଜର ଦୁଃଖ ଓ କଷ୍ଟକୁ ଭୁଲି କିଛି ଭଲ କରିବାର ଓ ଅନ୍ୟମାନଙ୍କ ପାଇଁ ଆଦର୍ଶଣୀୟ ହେବାର ବର୍ଷଟି ପାଇଁ ଶପଥ ନେବାର ଦିନଟି ହେଉ ଏହି ନୂଆବର୍ଷ । ନୂଆବର୍ଷଟି ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିର ବର୍ଷ ହେଉ ଏହା ହିଁ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ।



ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ମାନସିକ କ୍ଷେତ୍ରରେ ଦେଖାଦେଇଥାଏ ପ୍ରତିଦିନ ଅର୍ହନିଷ ସମସ୍ତେ ନିଜ ଜୀବନ ଜୀବିକା ହେଉ ବା କ୍ୟାରିୟର, ଏହାକୁ ନେଇ ବ୍ୟସ୍ତ ଓ ଚିନ୍ତିତ । ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍‌ବେଗତା ମଣିଷର ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ସେଇଥିପାଇଁ କୁହାଯାଏ ଯେ ଆନନ୍ଦ ଓ ପ୍ରଫୁଲ୍ଲତାପୂର୍ଣ୍ଣ ଜୀବନଟି ଅନେକଙ୍କ ଜୀବନର ଆୟୁକୁ ବର୍ଦ୍ଧିତ କରିଥାଏ । ଆୟୁ ବଢ଼ିବା ବଡ଼କଥା ନୁହେଁ ସବୁଠାରୁ ବଡ଼କଥା ହେଉଛି ଭଲରେ ଓ ଶାନ୍ତିରେ ଜୀବନଟି ବିତାଇବା ।

# ସଂକଳ୍ପର ଭାଷା

॥ ବିପିନ ବିହାରୀ ରାଉତ ॥

ଆଜି ନୂଆ ବର୍ଷର ଆରମ୍ଭ ଦିନ । କେତେକ ଏହାକୁ ଖ୍ରୀଷ୍ଟିୟ ବା ପାଶ୍ଚାତ୍ୟ ନୂଆ ବର୍ଷର ଆରମ୍ଭ ବୋଲି କହିବାକୁ ପସନ୍ଦ କରୁଥିଲେ ହେଁ ଏହା ଦେଶ, ଜାତି, ଧର୍ମ ଆଦି ନିର୍ବିଶେଷରେ ମାନବ ସଂସ୍କୃତିର ଅଂଶରେ ପରିଣତ ହୋଇଥିବା ଭଳି ଆଜି ଦିନରେ ଆସନ୍ତା ବର୍ଷକ ପାଇଁ କିଛି ନୂଆ ସଂକଳ୍ପ କରିବା ମଧ୍ୟ ଏକ ସାଧାରଣ ଆଚରଣରେ ପରିଣତ ହୋଇଛି । ଆଜି କରାଯାଉଥିବା ଅସୁମାରି ସଂକଳ୍ପମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଥିଲେ ହେଁ ଏମାନଙ୍କ ଚରିତ୍ରରେ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ପ୍ରଧାନ ସାମଞ୍ଜସ୍ୟ ହେଲା ସଂକଳ୍ପକାରୀମାନେ ନିଜର ଆଚରଣରେ କୌଣସି ନା କୌଣସି ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖିଥାନ୍ତି । ଦ୍ୱିତୀୟ ସାମଞ୍ଜସ୍ୟ ହେଲା ଏହି ସମସ୍ତ ପରିବର୍ତ୍ତନମାନ କୌଣସି ଭଲ ଉଦ୍ଦେଶ୍ୟ ସାଦନ କରିବା ନିମନ୍ତେ ଚିନ୍ତା କରାଯାଇଥାଏ । ତୃତୀୟ ସାମଞ୍ଜସ୍ୟଟି ହେଲା ଏସବୁ ସଂକଳ୍ପ ଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ ସକାରାତ୍ମକ ଓ ନକାରାତ୍ମକ ଓ ଯେଉଁ ସବୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକ ନକାରାତ୍ମକ ସଂକଳ୍ପ ମାନଙ୍କର ଉଦ୍ଦେଶ୍ୟ କିନ୍ତୁ ମହତ୍ । ଯେମିତି ପ୍ରତିଦିନ ପ୍ରାତଃ ଭ୍ରମଣ କରିବା ପାଇଁ ସଂକଳ୍ପ ଏକ ସାକାରାତ୍ମକ ନିଷ୍ପତ୍ତି ହୋଇଥିବା ବେଳେ ତମାଖୁ ସେବନ ନକରିବା ପାଇଁ ସଂକଳ୍ପ ଏକ ନକାରାତ୍ମକ ନିଷ୍ପତ୍ତି ହୋଇଥାଏ । ଚତୁର୍ଥ ସାମଞ୍ଜସ୍ୟଟି ହେଲା ତୁରନ୍ତ ହେଉ ବା ବିଳମ୍ବରେ ହେଉ ଏଥିରୁ ଅଧିକାଂଶ ସଂକଳ୍ପ ଭୁଶୁଡ଼ି ପଡ଼ିଥାଏ । ସତେ ଯେମିତି ଏକ ଆପ୍ତ ବାକ୍ୟକୁ ପ୍ରମାଣିତ କରିବା ପାଇଁ ଏ ସଂକଳ୍ପର ବନ୍ୟା ସୃଷ୍ଟି ହୋଇଥାଏ, ଭଙ୍ଗା ହେବା ପାଇଁ ହିଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥାଏ । ଏଠାରେ ସଂକଳ୍ପମାନ ହେଉଛି କେବଳ ଯାହା ନିଜକୁ ନିଜେ ଦେଇଥିବା ପ୍ରତିଶ୍ରୁତି । ପ୍ରସିଦ୍ଧ ଆମେରିକୀୟ ଲେଖକ ଓ ପ୍ରତ୍ୟୁତ୍ପନ୍ନମତି ବ୍ୟଙ୍ଗକାର ମାର୍କ ଟ୍ୱେନ୍ ଜାନୁଆରୀ ୧୮୬୩ରେ ଏ ସମ୍ପର୍କରେ ପ୍ରଦାନ କରିଥିବା ଏକ ମନ୍ତବ୍ୟ ଏ କ୍ଷେତ୍ରରେ ଏକ କିମ୍ବଦନ୍ତୀର ମର୍ଯ୍ୟାଦା ହାସଲ କରିଛି । ସେ କହିଥିଲେ 'ତୁମର ନିୟମିତ ବାର୍ଷିକ ସଂକଳ୍ପମାନ କରିବା ପାଇଁ ବର୍ତ୍ତମାନ ହିଁ ହେଉଛି ଗ୍ରହଣୀୟ ସମୟ । ଆସନ୍ତା ସପ୍ତାହରେ ତୁମେ ଚିରାଚରିତ ଭାବରେ ସେଗୁଡ଼ିକ ଦ୍ୱାରା ନର୍କର ଚଟାଣ ତିଆରି କରିପାର । ଗତକାଲି ପ୍ରତ୍ୟେକ ଲୋକ ତାର ଶେଷ ସିଗାର ଟାଣିଛି, ଶେଷ ମଦ ପିଇଛି ଏବଂ ଶେଷ ଅସଭ୍ୟ ଗାଳି ଦେଇଛି । ଆଜି ଆମେ ହେଉଛୁ ଏକ ନୀତିବାନ ଏବଂ ଉଦାହରଣ ସୃଷ୍ଟିକାରୀ ଗୋଷ୍ଠୀ । ଆଜିଠାରୁ ତିରିଶ ଦିନ ମଧ୍ୟରେ ଆମେ ଆମର ଏସବୁ ପରିବର୍ତ୍ତନ ପରିତ୍ୟାଗ କରି ସାରିଥିବା ଏବଂ ଆମର ଯେତେ ସବୁ ପ୍ରାଚୀନ ଦୁର୍ବଳତା ରହିଛି ସେଗୁଡ଼ିକୁ ଆହୁରି ଦୁର୍ବଳ କରି ସାରିଥିବା । ଆମେ ମଧ୍ୟ ଖୁସିରେ ମନେ ପକାଇବା ଗତ ବର୍ଷ ଏଇ ସମୟରେ କିପରି ଆମେ ଠିକ୍ ଏଇ ପୁରୁଣା କଥା ଦୋହରାଇଥିଲୁ । ସେ ଯାହା ହେଉ, ଆଗେଇ ଯାଅ ବନ୍ଧୁଗଣ । ନବବର୍ଷ ହେଉଛି ଏକ ନିରୀହ ଅନୁଷ୍ଠାନ, ଯାହା କେବଳ ଉଚ୍ଛୃଙ୍ଖଳ ମଦ୍ୟପମାନଙ୍କ ପାଇଁ ଏବଂ ବନ୍ଧୁତାମୂଳକ କଲ୍ ସବୁ ପାଇଁ ସଠତାପୂର୍ଣ୍ଣ ସଂକଳ୍ପମାନ ପାଇଁ ଏକ ଉପଲକ୍ଷ ହେବା ବ୍ୟତୀତ ଅନ୍ୟ କାହାର କୌଣସି କାର୍ଯ୍ୟରେ ଲାଗିନଥାଏ । ଆମେ ଆଶା କରୁଛୁ ତୁମେ ଏହି ଅବସରରେ ମହାନତା ସହିତ ଖାପ ଖାଇବା ଭଳି ଉପଯୁକ୍ତ ଉଚ୍ଛୃଙ୍ଖଳତା ସହ ଏହାକୁ ଭୋଗ କରିବ ।

ତେବେ ଆନ୍ତରିକ ନବବର୍ଷ ସଂକଳ୍ପକାରୀମାନେ ମାର୍କ ଟ୍ୱେନ୍‌ଙ୍କର ଏହି ବ୍ୟଙ୍ଗ ଦ୍ୱାରା ନିରୁତ୍ସାହିତ ହେବା ମଧ୍ୟ ବାଧ୍ୟତାମୂଳକ ନୁହେଁ । ମନସ୍ତତ୍ତ୍ୱବିଦ୍‌ମାନେ ନବବର୍ଷ ସଂକଳ୍ପ ମାନଙ୍କର କ୍ଷଣଭଙ୍ଗୁର ପ୍ରକୃତିରେ ପରିବର୍ତ୍ତନ ଆଣି ସେଗୁଡ଼ିକର ସ୍ଥାୟିତ୍ୱ ବୃଦ୍ଧି କରିବାର ଉପାୟମାନ ମଧ୍ୟ ଖୋଜି ଚାଲିଛନ୍ତି । ସେମାନେ ପାଇଥିବା ସମାଧାନ ସମ୍ବନ୍ଧରେ ଉଲ୍ଲେଖ କରିବା ପୂର୍ବରୁ କେତେକ ଲୋକପ୍ରିୟ ନବବର୍ଷ ସଂକଳ୍ପ ଉପରେ ଦୃଷ୍ଟି ପକାଯାଇପାରେ । କେତୋଟି ଉଦାହରଣ ଅଧିକ ବ୍ୟାୟାମ କରିବି, ସନ୍ତୁଳିତ ଆହାର ଖାଇବି, ମଦ ପିଇବା ଛାଡ଼ିବି, ସିଗାରେଟ୍ ଛାଡ଼ିବି, ଫେସବୁକ୍/ ଟ୍ୱିଟର ପାଇଁ କମ୍ ସମୟ ଦେବି, ନୂଆ ଭାଷାଟି ଶିଖିବି, ଏକ ବାଦ୍ୟ ଯନ୍ତ୍ର ବଜାଇବା ଶିଖିବି, ସକାଳେ ଶୀଘ୍ର ବିଛଣା ଛାଡ଼ିବି, ପାଦରେ ଚାଲି କାମକୁ ଯିବି, ମିଠା ଖାଇବା କମାଇବି... ଇତ୍ୟାଦି । ମନସ୍ତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି ଯେ ସଂକଳ୍ପର ଭାଷା ଉପରେ ସଂକଳ୍ପର ସ୍ଥାୟିତ୍ୱ ଅନେକାଂଶରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ମିଠା ଖାଇବା ହ୍ରାସ କରିବା ଜଣେ ସଂକଳ୍ପକାରୀଙ୍କର ଉଦ୍ଦେଶ୍ୟ ହୋଇଥାଇପାରେ । ତାଙ୍କର ଅବଚେତନ ମନରେ କିନ୍ତୁ ମିଠା ପ୍ରତି ଘୋର ଦୁର୍ବଳତା ରହିଥାଏ । ମିଠା ଶବ୍ଦ ତାଙ୍କ କାନରେ ପଡ଼ିଲା ମାତ୍ରେ ସେଥିପ୍ରତି ତାଙ୍କର ଲାଳସା ଜାତ ହୋଇଥାଏ । ସେ ଯଦି ସଂକଳ୍ପ କରିଥିବେ ମିଠା ଖାଇବି ନାହିଁ ତେବେ ସେ ଏଇଥରକ ଖାଇ ଦେଉଛି କହି ମିଠା ଖାଇ ଦେବାକୁ ଆଗେଇ ଯିବାର ସମ୍ଭାବନା ଥାଏ । ସେ କିନ୍ତୁ ଯଦି ସଂକଳ୍ପ କରିଥିବେ ଆଜି ମିଠା ଖାଇବି ନାହିଁ ତେବେ ଏଠାରେ ମିଠା ଉପରେ ଗୁରୁତ୍ୱ ନରହି ଆଜି ଉପରେ ଗୁରୁତ୍ୱ ଦିଆଯାଇଥାଏ । ତେଣୁ ସେ ଆଜି ମିଠା ଠାରୁ ଦୂରେଇ ରହନ୍ତି । ଏହା କାଲି ମିଠା କାଇବାର ସମ୍ଭାବନାକୁ ଉନ୍ମୁକ୍ତ ରଖିଥାଏ, ଯାହା ଆଜି ଲାଳସା ତ୍ୟାଗ କରିବାରେ ସାହାଯ୍ୟ କରିଥାଏ । ଯେତେବେଳେ କାଲି ଆସେ ତାହା ଅବଶ୍ୟ ପୁଣି ଆଜିରେ ପରିଣତ ହୋଇଯାଇଥାଏ । ତେଣୁ ଆଜି ଦିନରେ ଯେଉଁମାନେ ବିଭିନ୍ନ ସଂକଳ୍ପ କରୁଛନ୍ତି ସେମାନେ ଆଜି କୁ ହିଁ ସେମାନଙ୍କର ସଂକଳ୍ପର ମୁଖ୍ୟ ଶବ୍ଦରେ ପରିଣତ କରନ୍ତୁ । ଏହା ସେମାନଙ୍କର ଉଭୟ ସକାରାତ୍ମକ ଓ ନକାରାତ୍ମକ ସଂକଳ୍ପ ମାନଙ୍କର ସ୍ଥାୟିତ୍ୱ ବୃଦ୍ଧିରେ ସାହାଯ୍ୟ କରିବ ।

ଶ୍ରୀବିହାର କଲୋନୀ, କଟକ

# ନୂଆବର୍ଷ ହେଉ ଆନନ୍ଦର ବର୍ଷ


॥ ତପନ କୁମାର ପାଲ ॥

ଘରର କ୍ୟାଲେଣ୍ଡରଟି ହେଉ ବା ବ୍ୟବହାର କରାଯାଉଥିବା ଦୈନିକ ଡାଏରୀଟି ବଦଳିଯିବ । ଘରେ ନୂଆ କ୍ୟାଲେଣ୍ଡର ଲାଗିବ ଆଉ ନୂଆବର୍ଷ ପାଇଁ ମନଲାଖି ଡାଏରୀଟି ବି କିଣା ହେବ କିନ୍ତୁ ନୂଆବର୍ଷକୁ ନେଇ ଆମ ମାନଙ୍କ ଭିତରେ ଆତ୍ମପ୍ରତୟର ଶପଥ ନେବାର ମୁହୂର୍ତ୍ତକୁ କେହିବି ଭୁଲିବା କଥା ନୁହେଁ । ବିଦାୟ ଦେଇଥିବା ପୁରୁଣାବର୍ଷର ଦୁଃଖ, ଅଭାବ ଓ ବିଭିନ୍ନ ଯନ୍ତ୍ରଣାକୁ ଭୁଲି ନୂଆବର୍ଷ ପାଇଁ ଅନେକ କିଛି କରିବାର ଆଉ ଜୀବନକୁ ଭଲ ବାଟରେ ଗଢ଼ିତୋଳିବା ପାଇଁ ଦୃଢ଼ ପ୍ରତିଜ୍ଞ ହେବାର ବର୍ଷଟି ପାଇଁ ମନ ଭିତରେ ଆତ୍ମବଳକୁ ଦୃଢ଼ କରାଯାଉ ।

ଭୟାବହ ଫାଇଲିନ୍‌ର କାଳବୈଶାଖୀ ହେଉ ବା ନଈବଢ଼ିରେ ସବୁକିଛି ହରାଇ ହଜାଇ ଦେଇଥିବାର ଛାତିଫଟା ଦୁଃଖ, କୌଣସି ଅଘଟଣ ବା ଦୁର୍ଘଟଣ ଆପଣଙ୍କର ପ୍ରିୟଜନଙ୍କୁ ଛଡ଼ାଇ ନେଉ ବା ବୃତ୍ତିଗତ କ୍ଷେତ୍ରରେ କୌଣସି ଯନ୍ତ୍ରଣାର ମୁହୂର୍ତ୍ତ ସବୁକିଛିକୁ ଭୁଲି କିଛି ନୂଆ କରିବା ପାଇଁ ମନବଳକୁ ପ୍ରତିଜ୍ଞାବଦ୍ଧ କରିବାର ଦିନଟି ହେଉ ନୂଆବର୍ଷର ପ୍ରଥମ ଦିନ । ଅଭାବ ହେଉ ବା ଅପମାନ, ଯନ୍ତ୍ରଣା ହେଉ ବା ହରାଇବାର ଗଭୀର ଦୁଃଖ ସବୁକିଛିକୁ ମାନସିକ ବିଷାଦର କଳା ବାଦଲ ତଳୁ ଠେଲି ଦେଇ ମାନସିକ ସ୍ତରରେ ନିଜେ ସୁଦୃଢ଼ ହେବାସହ ଅନ୍ୟମାନଙ୍କୁ ମଧ୍ୟ ବିଷାଦରୁ ଆନନ୍ଦମୟ ମୁହୂର୍ତ୍ତ ପାଇଁ ପ୍ରେରଣା ଯୋଗାନ୍ତୁ । ରକ୍ତମାଂସର ଶରୀର ଧରି ତେଲଲୁଣ ସଂସାର ଭିତରେ ଜୀବନ ଜୀଉଁଥିବା ସମସ୍ତେ କିଛି ନା କିଛି ଅବସାଦ ଓ ବିଶାଦରେ ଆକ୍ରାନ୍ତ । ମୁଦ୍ରାସ୍ଫୀତିର ଉଚ୍ଚ ବେଲଗାମ ଧାଁ ଧଉଡ଼ ହେଉ ବା ବଜାରର ଦରଦାମର ଚଡ଼କ, ଦୁର୍ଘଟଣାରେ ନିଜଲୋକଟିଙ୍କୁ ହରାଇବାର ଦୁଃଖ ହେଉ ବା ପରୀକ୍ଷାରେ ଅସଫଳତା, ଦାମ୍ପତ୍ୟ ଜୀବନରେ ଝଡ଼ ହେଉ ବା ହାତ ପାହାନ୍ତାରୁ ନିଜ ବୃତ୍ତିକ୍ଷେତ୍ରଟି ହରାଇବାର ଗଭୀର ଦୁଃଖକୁ ଭୁଲି ନିଜ ଭିତରୁ କିଛି କରିବାର ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବାର ଆତ୍ମ ପ୍ରଚେଷ୍ଟାର ଶୁଭବର୍ଷ ହେଉ ଏହି ନୂଆବର୍ଷଟି ।

ମାନସିକ କ୍ଷେତ୍ରରେ ଦେଖାଦେଇଥାଏ ପ୍ରତିଦିନ ଅର୍ହନିଷ ସମସ୍ୟା ଓ ଆହ୍ୱାନ ସମସ୍ତେ ନିଜ ଜୀବନ ଜୀବିକା ହେଉ ବା କ୍ୟାରିୟର, ଏହାକୁ ନେଇ ବ୍ୟସ୍ତ ଓ ଚିନ୍ତିତ । ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍‌ବେଗତା ମଣିଷର ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ସେଇଥିପାଇଁ କୁହାଯାଏ ଯେ ଆନନ୍ଦ ଓ ପ୍ରଫୁଲ୍ଲତାପୂର୍ଣ୍ଣ ଜୀବନଟି ଅନେକଙ୍କ ଜୀବନର ଆୟୁକୁ ବର୍ଦ୍ଧିତ କରିଥାଏ । ଆୟୁ ବର୍ଦ୍ଧିବା ବଡ଼କଥା ନୁହେଁ ସବୁଠାରୁ ବଡ଼କଥା ହେଉଛି ଭଲରେ ଓ ଶାନ୍ତିରେ ଜୀବନଟି ବିତାଇବା । ଆଉ ଦିନ କେଇଟା ପରେ ଅତିକ୍ରାନ୍ତ ହେବ ବିଦାୟୀ ବର୍ଷ ୨୦୨୪ ଏହା ସହ ଆରମ୍ଭ ହେବ ନୂତନ ବର୍ଷ । ନୂତନ ଆଶା, ଆକାଂକ୍ଷା ଓ ନୂତନ ଉଚ୍ଛ୍ୱାସରେ ୨୦୨୫କୁ ସ୍ୱାଗତ କରିବା ଭିତରେ ଆମେ ଯେମିତି ବିଗତ ବର୍ଷରେ ଯେଉଁସବୁ ଭୁଲ ତ୍ରୁଟି କରିଥିଲେ ତାହାର ପୁନରାବୃତ୍ତି ନକରୁ । ପୁଣି ଯାହା ଶିକ୍ଷା ଲାଭ କରିଲେ, ତାହାର ଉପଯୋଗ କରୁ । ସମୟର ଏହି ସନ୍ଧିକ୍ଷଣରେ ଘଟଣାବହୁଳ ୨୦୨୪ ବର୍ଷରୁ ଆମକୁ ମିଳିଥିବା ଶିକ୍ଷାକୁ ଅବଶ୍ୟ ଆମେ ସ୍ମୃତିରେ ସଜାଗ କରି ଆଗକୁ ବଢ଼ିବା ଆବଶ୍ୟକ । ବିଦାୟ ବର୍ଷରେ ନିଜ ନିଜର ଦୁଃଖ ଓ କଷ୍ଟକୁ ଭୁଲି କିଛି ଭଲ କରିବାର ଓ ଅନ୍ୟମାନଙ୍କ ପାଇଁ ଆଦର୍ଶଣୀୟ ହେବାର ବର୍ଷଟି ପାଇଁ ଶପଥ ନେବାର ଦିନଟି ହେଉ ଏହି ନୂଆବର୍ଷ । ନୂଆବର୍ଷଟି ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିର ବର୍ଷ ହେଉ ଏହା ହିଁ ଶୁଭକାମନା ।

## ଜିରୋ ନାଇଟ ସକାଶେ ଆସିକା ପୋଲିସ ପକ୍ଷରୁ ଯାଞ୍ଚ କାଡା କଡ଼ି



ଆସିକା(ମହାଭାରତ): ଆସନ୍ତା କାଲି ନୂଆଁ ବର୍ଷ କୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ଆଖି ଆଗରେ ରଖି ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପେଟ୍ରୋଲିଙ୍ଗ କାଡା କଡ଼ି କରିଛନ୍ତି । ଆସିକା ଲକ୍ଷ୍ମୀ ବଜ଼ାର, ବିନାୟକ ବଜାର, ବିଜୁ ପଟ୍ଟନାୟକ ଛକ, ପାକଲା ପଲ୍ଲୀ ଛକ, ବାଣୀବିହାର ଛକ ଆଦି ସ୍ଥାନରେ ଆସିକା ଥାନା ଏ ଏସ ଆଇ ବସନ୍ତ ବେହେରା ଙ୍କ ସମେତ ଅନ୍ୟାନ୍ୟ କନଷ୍ଟେବଲ ରହିଥିଲେ।

## ଲଘୁଚାପ କ୍ଷୟକ୍ଷତିଠୁ ବଳିଗଲା ବନ୍ୟଜନ୍ତୁଙ୍କ ପାର୍ଦ୍ଦୁଭାବ

### ମୁଣ୍ଡରେ ହାତ ଦେଲେ ଚାଷୀ



ଅସ୍ତରଙ୍ଗ(ମହାଭାରତ) : ଚଳିତ ବର୍ଷ ଖରିଫ ଋତୁ ରେ ଅସ୍ତରଙ୍ଗ ଅଞ୍ଚଳ ରେ ଭଲ ଚାଷ ହୋଇଥିବା ନେଇ ଭିନ୍ନ ଭିନ୍ନ ପଞ୍ଚାୟତ ରୁ ଚାଷୀ ମାନଙ୍କ ମତାମତ ରହିଥିବା ବେଳେ ଠିକ୍ ଡ଼ିସେମ୍ବର ମାସ ରେ ଧାନ କଟା ସମୟ ରେ ବଙ୍ଗୋପସାଗର ରେ ସୃଷ୍ଟ ଲଘୁଚାପ ସମ୍ପୂର୍ଣ୍ଣ ଫସଲ କୁ ଧୂଳିସାତ କରିଦେଇଛି । କିଛି ଜମିରେ ଧାନ କଟାଯାଇ ଗଦା ମରାଯାଇଥିଲା ଆଉ ଲଘୁଚାପ ବର୍ଷା ପାଣି ରେ ଧାନ ଗଦା ସବୁ ଭିଜି ନଷ୍ଟ ହୋଇ ଗଜା ମଧ ହୋଇଯାଇଛି। ଅନେକ ସ୍ଥାନରେ ଠିଆ ଧାନ ବର୍ଷା ମାଡ ରେ ଶୋଇଯାଇଛି। ଯାହାକୁ ନେଇ ବର୍ଷ ତମାମ ର କଷ୍ଟ ଚାଷୀ ମାନଙ୍କ ଆଖିରେ ଲୁହ ଭରିଦେଇଥିବା ବେଳେ ଏବେ ସାମ୍ନା କୁ ଆସିଛି ବନ୍ୟଜନ୍ତୁ ଙ୍କ ପାର୍ଦ୍ଦୁଭାବ, ବନ ବିଭାଗ ଯାହାକୁ ଘୁଷୁରୀ କହୁଛି ତାହାକୁ ଅଞ୍ଚଳ ବାସି ବାରହା କହୁଛନ୍ତି। ପ୍ରକୃତରେ ଏହି ଜନ୍ତୁ କି ପ୍ରଜାତି ର ତାହା ଅସ୍ପଷ୍ଟ ରହିଥିବା ବେଳେ ଏହି ପ୍ରଜାତି ର ଜନ୍ତୁ କଟା ହୋଇଥିବା ଧାନ ଗଦା ରେ ପ୍ରବେଶ କରି ସେଠି ଧାନ ଗଛ ଖାଇବା ସହ ଛିନ୍ନଛତ୍ର କରିଛନ୍ତି। ଯାହାକୁ ନେଇ ଅଞ୍ଚଳ ରେ ବିଭିନ୍ନ ପଞ୍ଚାୟତ ରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି, ବର୍ତ୍ତମାନ କୃଷି ବିଭାଗ ର ସୂଚନା ମୁତାବକ ଅସ୍ତରଙ୍ଗ ରେ ୯ହଜାର ହେକ୍ଟର ଚାଷ ଜମିରୁ ୨ହଜାର ହେକ୍ଟର ଚାଷ ଜମି ନଷ୍ଟ ହୋଇଛି। କିନ୍ତୁ ଚାଷୀ ଙ୍କ ଦାବୀ ରହିଛି ୫ ହଜାର ରୁ ଊର୍ଦ୍ଧ ହେକ୍ଟର ଜମି ନଷ୍ଟ ହୋଇଛି, ଏହି ସବୁ ତୁମ୍ଭିତୁଫାନ ର ପୂର୍ଣ୍ଣଚ୍ଛେଦ ନପଡିବା ଆଗରୁ ଏବେ ବନ୍ୟଜନ୍ତୁ ପଶି ଗଦା ରୁ ଧାନ ଖାଇବା ସମ୍ପୂର୍ଣ୍ଣ ରୂପେ ଚାଷୀ ଙ୍କ ମେରୁଦଣ୍ଡ ଭାଙ୍ଗିସାରିଛି। ଯାହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳ ରେ ଆର୍ତ୍ତତ୍ରାଣ ମହାନ୍ତି, ପୀତବାସ ବିଶ୍ୱାଳ, ବାପି ମୁରୁଣୀ, ହରେକୃଷ୍ଣ ଦାସ ପ୍ରଭୃତି ଚାଷୀ ଏହି ବନ୍ୟଜନ୍ତୁ ଙ୍କୁ ଉଦ୍ଧାର କରି ଚାଷ ଓ ଫସଲ କୁ ସୁରକ୍ଷା ଦେବା ନିମନ୍ତେ ସରକାର ଓ ପ୍ରଶାସନ କୁ ଆବେଦନ କରିଛନ୍ତି ।

## ପଲାଣଘାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡା ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ଆଠ ୱାର୍ଡ ମେମ୍ବର ସୂଚନା ରୁ ପ୍ରକାଶ ସରପଞ୍ଚ ରାଉତ ମୁଣ୍ଡା ଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଅନୁଯାଇ ସରପଞ୍ଚ□ ପଞ୍ଚାୟତ ରେ ମନମୁଖୀ କାର୍ଯ୍ୟ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ରେ ଦୁର୍ନୀତି ସହିତ ୱାର୍ଡ ସଭ୍ୟ/ସଭ୍ୟା ମାନ ଙ୍କୁ ନେଇ ନିୟମିତ ମାସିକ ବୈଠକ ନ ଡାକିବା,ପଞ୍ଚାୟତ ଟଙ୍କା କୁ ହେରଫେର କରିବା ଆଦି ଅଭିଯୋଗ ରେ ୨୪ ଡିସେମ୍ବର ମଙ୍ଗଳବାର ଦିନ କେନ୍ଦୁଝର ଉପଜିଲ୍ଲାପାଳ ଙ୍କ ନିକଟରେ ନେଇ ୱାର୍ଡ ସଭ୍ୟ/ସଭ୍ୟା ମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଭିତ୍ତି କରି ଉପଜିଲ୍ଲାପାଳ ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ନିଷିଦ୍ଧାଞ୍ଚଳ ରୁ ଟ୍ରଲର ଜବତ, ୩ ମୃତ କଇଁଛ ଉଦ୍ଧାର



ଅସ୍ତରଙ୍ଗ (ମହାଭାରତ) :ବିରଳ ପ୍ରଜାତିର ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ ରୁ ଲାଗିଥିବା କଟକଣା କୁ ଅସାଧୁ ଟ୍ରଲର ମାଲିକ ମାନେ ଏହାକୁ ବେଖାତିର କରି ଦେବୀ ନଦୀ ମୁହାଣରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ଥିବା ସମୁଦ୍ରରେ ବେଆଇନ୍ ମାଛ ଧରୁଥିବା ବେଳେ ଅସ୍ତରଙ୍ଗ ଓ କୋଣାର୍କ ବନ ବିଭାଗ ପକ୍ଷରୁ ୨୫ ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମିଳିତ ଚଢ଼ାଉରେ ନିଷିଦ୍ଧା□ଳରୁ ମା କାଳି ନାମକ ଏକ ଟ୍ରଲର ଜବତ କରାଯାଇଛି। ଟ୍ରଲର ରେଜିଷ୍ଟ୍ରେସନ୍ ନମ୍ବର୍ ଆଇଏନଡି ଓଆର ୦୪ଏମଏମ ୨୬୪ ରହିଛି,ଏଥି ସହିତ ୩ଟି ମୃତ ଅଲିଭ ରିଡ଼ଲେ କଇଁଛ ମଧ୍ୟ ଜବତ କରିଛି ବନ ବିଭାଗ। ଜାଲ ପକାଇ ମାଛ ଧରୁଥିବା ବେଳେ ୭ଟି କଇଁଛ ଜାଲରେ ପଡ଼ିଥିଲେ। ସେଥି ମଧ୍ୟରୁ ୪ଟିକୁ ଜୀବିତ ଉଦ୍ଧାର କରାଯାଇ ସମୁଦ୍ରରେ ଛଡ଼ା ଯାଇଥିବା ବେଳେ ୩ମୃତ କଇଁଛ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠା ଯାଇଛି। ଟ୍ରଲରରେ ଥିବା ୬ଜଣ ମତ୍ସ୍ୟଜୀବୀ ମାନଙ୍କୁ ଗିରଫ କରାଯାଇ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ ଉଲ୍ଲଂଘନ ଅନୁସାରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ବାରମ୍ବାର ବାରଣ ସ□ ଅସାଧୁ ଟ୍ରଲର ଗୁଡ଼ିକ ନିଷିଦ୍ଧ ଅଞ୍ଚଳରେ ମାଛ ଧରୁଛନ୍ତିୟ ଯାହା ଫଳରେ ଜାଲରେ ପଡ଼ି ବିରଳ ପ୍ରଜାତିର ଅଲିଭ ରିଡ଼ଲେ କଇଁଛଙ୍କ ମୃତ୍ୟୁ ଘଟୁଛି। ସିଜ୍ ହୋଇଥିବା ଟ୍ରଲର କୁ ଗହୀରମଥା ସ୍ଥିତ କଷ୍ଟଡି କୁ ପଠାଯାଇଛି ଯାହାକୁ ନେଇ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି। କିନ୍ତୁ ଏଠି ପରିବେଶବି□ ମାନଙ୍କ ପ୍ରଶ୍ନ ଉଠୁଛି ଏତେ ବାରଣ ସତେ କିପରି ସମୁଦ୍ର ଭିତରେ ଅନୁପ୍ରବେଶ କାରି ପ୍ରବେଶ କରି ମାଛ ଧରୁଛନ୍ତି ଏବେ ଏହି ବିରଳ ପ୍ରଜାତି ର କଇଁଛ ଙ୍କ ମୃତ୍ୟୁ ପାଇଁ ଦାୟୀ କିଏ ?

## ବନ ବିଭାଗ ର ଚଢାଉ,ବିପୁଳ ପରିମାଣର କାଠ ଜବତ

ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡା ସେକ୍ସନ ର ବଂଶପଣି ରେଲୱେ କଲୋନୀ ର ଏକ ପରିତ୍ୟକ୍ତ ଅଞ୍ଚଳ ରୁ ବନ ବିଭାଗ ଚଢାଉ କରି ବିପୁଳ ପରିମାଣର କାଠ ଜବତ କରିଛି ।ଯୋଡା ବନ ପାଳ ତ୍ରିନାଥ ଜେନା ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ମଙ୍ଗଳ ବାର ଅପରାହ୍ନ ପ୍ରାୟ ୪ଟା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ସଦଳ ବଳେ ଚଢାଉ କରିଥିଲେ । ମୂଲ୍ୟବାନ ଶାଳ ସହିତ ଅନ୍ୟାନ୍ୟ ଗଛିତ ଥିବା ପ୍ରାୟ ୧୫୦ ଖଣ୍ଡ ରୁଅ ଆକାର କାଠ ଜବତ କରାଯାଇଥିଲା ।ଏହି ଚଢାଉ ରେ ଯୋଡା ବନ ପାଳ ତ୍ରିନାଥ ଜେନା,ବନ ରକ୍ଷୀ ନୀଲମ ମହାନ୍ତ,ଙ୍କ ସହିତ ବନ ସ୍କ୍ୱାର୍ଡ ସାମିଲ ଥିଲେ ୟବନ ବିଭାଗ କାଠ ଜବତ କରିବା ସହିତ ଏହାର ତଦନ୍ତ ଆରମ୍ଭ କରିଥିବା ବନ ପାଳ ଜେନା ସୂଚନା ଦେଇଛନ୍ତି ।

## ରାସ୍ତା ଜବରଦଖଲକୁ ହଟାଇଲା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ



ଆସିକା (ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ରାସ୍ତାରେ ଅଳିଆ ଆବର୍ଜନା ଦ୍ୱାରା ରାସ୍ତା ଅବରୋଧ ହେଉଥିବା ଗୁଡ଼ି, ବାଲି, ଇଟାକୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଟାଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୃହ ନିର୍ମାଣ ସକାଶେ ଇଟା ମାଟି, ବାଲି, ଗୁଡ଼ି ରାସ୍ତାରେ ପକାଉଥିବା ଲୋକ ମାନଙ୍କୁ ଏନଫୋର୍ସ ମେଣ୍ଟ ଟିମ ବାରମ୍ବାର ଅବଗତ କରିବା ପ୍ରତିଦିନ ସକାଳୁ ସନ୍ଧ୍ୟା ରେ ମଇଳା ଆବର୍ଜନ ଆଣୁଥିବା ଗାଡି ଦ୍ୱାରା ସୂଚନା ଦିଆଯାଉଥିଲେ ମଧ ସହର ବାସୀ ସହର କୁ ସ୍ୱଚ୍ଛତା ରଖିବାରେ ସହଯୋଗ କରୁ ନଥିବା ଯୋଗୁଁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଙ୍କ ନେତୃତ୍ୱ ରେ ଏକ ଟିମ ବିଭିନ୍ନ ୱାର୍ଡ ରେ ପହଂଚି ରାସ୍ତାରେ ପଡି ରହିଥିବା ଇଟା, ବାଲି, ମାଟି, ଗୁଡ଼ି ଆଦି ଘର ତିଆରି ସାମଗ୍ରୀ କୁ ଉଠାଇ ଛନ୍ତି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଏହିପରି କାର୍ଯ୍ୟ କୁ ସହର ର ବୁଦ୍ଧିଜୀବୀ ପ୍ରଂଶସା କରିଛନ୍ତି।

## ଜିଲ୍ଲା ମହୋତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ



ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ମହୋତ୍ସବ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ମଧ ଉପସ୍ଥିତ ଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ଫୁଙ୍ଖାନୁଫୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଆସନ୍ତା ଫେବୃୟାରୀ ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଗୋଳ ଷ୍ଟାଡିୟମ ଠାରେ ଜିଲ୍ଲା ମହୋତ୍ସବ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଗଲା । ଜିଲ୍ଲା ମହୋତ୍ସବର ୭ ଦିନ ପୂର୍ବରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ନିମନ୍ତେ ସ୍ଥିରିକୃତ କରାଗଲା । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲାର ୪ ଗୋଟି ସ୍ଥାନ ଯଥା- ପାଳଲହଡାର ଖୁଲୁଡି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡାର ଶିବମନ୍ଦିର ଓ ପୁରୁଣାଗଡର ଜଗନ୍ନାଥ ମନ୍ଦିର, ଛେଣ୍ଡିପଦାର ବାୟାଣୀ ପୀଠରୁ ମଶାଲ ଆସି ବିଭିନ୍ନ ବ୍ଲକ୍ ପରିକ୍ରମା କରି ସେହିଦିନ ତାଳଚେର ମା'ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବେ ବୋଲି ସ୍ଥିର କରାଗଲା। ଓଡିଆ ଅସ୍ମିତା ଏ ବର୍ଷର ବାର୍ତ୍ତା କରିବା ପାଇଁ ବୈଠକରେ ସ୍ଥିର କରାଗଲା । ମହୋତ୍ସବରେ ଜିଲ୍ଲାର କଳାକାରମାନଙ୍କୁ ପ୍ରଦର୍ଶନ କରିବା ପାଇଁ ଅଧିକ ପ୍ରାଥମିକତା ଦିଆଯିବ। ସେହିପରି ଜିଲ୍ଲା ମହୋତ୍ସବରେ ଜନସାଧାରଣଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେବା ନିମନ୍ତେ ଅଧିକରୁ ଅଧିକ ସ୍ଥାନ ସାଧାରଣ ଲୋକଙ୍କ ପାଇଁ ରଖାଯିବ ଏବଂ କୌଣସି ପାସ ବ୍ୟବସ୍ଥା ରହିବ ନାହିଁ । ଜିଲ୍ଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡା ପ୍ରତିଯୋଗିତା ମଧ ଆୟୋଜନ କରାଯିବ । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ପ୍ରଶାସନ, ସଂସ୍କୃତି, ସାହିତ୍ୟ, ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଅନୁଗୋଳ ବାସିନ୍ଦାଙ୍କୁ ଅନୁଗୋଳ ଗୌରବ ସମ୍ମାନରେ ସମ୍ମାନୀତ କରିବା ପାଇଁ ବୈଠକରେ ସ୍ଥିର ହୋଇଥୁଲା । ସେହିପରି ଆସନ୍ତା ଫେବୃୟାରୀ ମାସ ୭ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପଲ୍ଲିଶ୍ରୀ ମେଳା ମଧ ଆୟୋଜନ କରାଯିବା ନିମନ୍ତେ ବୈଠକରେ ସ୍ଥିର କରାଗଲା । ଏହି ବୈଠକରେ ଅନ୍ୟମାନଂକ ମଧରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରାତିମୟ, ଅତିରିକ୍ତ ଆରକ୍ଷୀ ଅକ୍ଷକ ଶ୍ରୀ ସୁରେନ୍ଦ୍ରନାଥ ରାୟଗୁର, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣେନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ପାଳଲହଡା ଉପଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ପତି, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ବିଶ୍ୱ ଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକ, ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲା ସଂସ୍କୃତି ପରିଷଦର ସମସ୍ତ ସଦସ୍ୟ ସଦସ୍ୟା ଓ ଜିଲ୍ଲା ମହୋତ୍ସବ କମିଟିର ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ ।

## ଚୋରା ଧାନ ଚାଲାଣ ଗାଡ଼ି ଜବତ



ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଗାତେରୀ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡୀ ଝରି, ଗାତେରୀ ଅ□ଳରୁ ଅସାଧୁ ଚୋରା ଧାନ ବେପାରୀ ଧାନ କ୍ରୟ କରି ଏକ ଟ୍ରକ୍ ନଂ ( ଓଡି ୦୭ ଏନ୍ ୯୯୭୭) ଯୋଗେ ଧାନ ଚୋରା ଚାଲାଣ ହେଉଥିବା ବେଳେ କିଛି ଅଞ୍ଚଳବାସୀ ଦେଖିଥିଲେ ଏବଂ ଟ୍ରକ୍ କୁ ଅଟକାଇ ଏହି ଧାନ କାହାର କୁଆଡେ ଯାଉଛି,କେଉଁ ଚାଷୀ ବିକ୍ରି କରିଛି ବୋଲି ପଚାରି ଟ୍ରକ୍ କୁ ଅଟକାଇଥିଲେ।ଯାହାକି ଧାନ ମଣ୍ଡି ଜାନୁଆରୀ ୭ ତାରିଖ ରେ ଖୋଲିବା ପାଇଁ ସରକାର ନିଷ୍ପତି ନେଇଥିବା ବେଳେ ଏତେ ଗୁଡ଼ିଏ ଧାନ କୁଆଡେ ଯାଉଛି ବୋଲି ଅ□ଳ ବାସୀ ଟ୍ରକ୍ କୁ ଅଟକାଇ ପ୍ରଶ୍ନ କରିବା ସହ ମହିପୁର ଫାଣ୍ଡି ଅଧିକାରୀଙ୍କୁ ଟ୍ରକ୍ ଟିକୁ ହସ୍ତାନ୍ତର କରିଥିଲେ। ଏ ବାବଦରେ ଜିଲ୍ଲା ଯୋଗାଣ ଅଧିକାରୀ ବି ମହାନ୍ତି ଙ୍କୁ ପଚାରିବାରେ ସେ କୁହନ୍ତି ଯେ ଧାନ କେଉଁ ଚାଷୀ ବିକ୍ରି କରିଛି ,କାହାକୁ ବିକ୍ରି କରିଛି ସେ ଚାଷୀ ପଞ୍ଜୀକୃତ କି ପଞ୍ଜୀକୃତ ନୁହନ୍ତି ସେ ବିଷୟରେ ତଦନ୍ତ କରାଗଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।କିନ୍ତୁ ଜନସାଧାରଣ ରେ ଆଲୋଚନା ହେଉଛି ଯେ ରାଜ୍ୟ ସରକାର ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଚାଷୀ ମାନେ ଋଣ ବୋଝ ସହ୍ୟ କରିନପାରି ଶାଗ ମାଛ ଦରରେ ଅସାଧୁ ବେପାରୀ ଙ୍କୁ ବିକ୍ରି କରୁଛନ୍ତି। ଅସାଧୁ ବେପାରୀଙ୍କୁ ଧରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲେ ଧାନ ଚୋରା ଚାଲାଣ ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ୧୪ ତମ ଜାତୀୟ ସ୍ତରୀୟ କରାଟେ ପ୍ରତିଯୋଗିତା ରେ କାଣ୍ଡସର ଓ କୁଲାଡ କୁ ୬ପଦକ



ଅନୁଗୋଳ,(ମହାଭାରତ):ଚଳିତ ମାସ ତା ୨୬/୧୨/୨୦୨୪ ରିଖ ଠାରୁ ତା ୨୯/୧୨/୨୦୨୪ ରିଖ ପର୍ଯ୍ୟନ୍ତ ୧୪ ତମ ଜାତୀୟ ସ୍ତରୀୟ କରାଟେ ପ୍ରତିଯୋଗିତା ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତଯୋଗିତାରେ ଅନୁଗୋଳ ଜିଲ୍ଲାର କାଣ୍ଡସର ଓ କୁଲାଡ ପଞ୍ଚାୟତ ର ୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ୬ ଜଣ ଖେଳାଳି ଙ୍କ ମଧ୍ୟରୁ ସ୍ୱାଗତିକା ଦେହୁରୀ ସ୍ୱର୍ଣ୍ଣ , ପାର୍ଥ ସାରଥି ରୌପ୍ୟ ପାଇଥିବାବେଳେ ପଦାରବିନ୍ଦ ପ୍ରଧାନ, ବାଦଲ ସାହୁ, ବିଶ୍ୱନାଥ ଅମାନ୍ତ ଓ ଅର୍ଶ କୁମାର ପାଣ୍ଡେ କାଂସ୍ୟ ପଦକ ହାସଲ କରି ପଞ୍ଚାୟତର ଗୌରବ ଅର୍ଜନ କରିଛନ୍ତି। ପ୍ରତିଯୋଗୀ ମାନେ ସେନସେଇ ବିଜନ କୁମାର ଦଳବେହେରା ଏବଂ ସହ ପ୍ରଶିକ୍ଷିତା ମଧୁସ୍ମିତା ସାମଲଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ତାଙ୍କ ତତ୍ତ୍ୱାବଧାନରେ ୬ଜଣ ପ୍ରତିଯୋଗୀ ଭାଗନେଇ ଭୁବନେଶ୍ୱର ଜାତୀୟ ସ୍ତରୀୟ କରାଟେ ପ୍ରତିଯୋଗିତାରେ ସଫଳତା ହାସଲ କରି ଫେରି ଥିବାବେଳେ ଟିମ୍ ମ୍ୟାନେଜର ବଳଭଦ୍ର ସାହୁଏବଂ ସ୍କୁଲ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଘେଂସ ଜମିଦାର ସହିଦ ମାଧୋ ସିଂ ବରିହାଙ୍କ ୧୬୬ ତମ ବିରତା ଦିବସ ପାଳନ



ପାଟଣାଗଡ ( ମହାଭାରତ ) ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ଗ୍ରାମ ପଞ୍ଚାୟତ ବନେଇମୁଣ୍ଡା ଜୁନ୍ହାପଡା ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନରେ ବ୍ଲକ ସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ଘେଂସ ଜମିଦାର ସହିଦ ମାଧୋ ସିଂ ବରିହାଙ୍କ ୧୬୬ ତମ ବିରତା ଦିବସ ବନେଇମୁଣ୍ଡା ପଞ୍ଚାୟତ ସଭାପତି ତଥା ଅବସରପ୍ରାପ୍ତ ସେନା ଅଧିକାରୀ ଯୋଗେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସହିଦ ମାଧୋ ସିଂ ବରିହାଙ୍କ ଫୋଟୋଚିତ୍ରରେ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିବା ସହ ସହିଦ ମାଧୋ ସିଂ ବରିହା ଅମର ରହେ। ସ୍ଲୋଗାନ କରାଗଲା ସଭାରେ ମୁଖ୍ୟ ଅତିଥି ଭାବରେ ଆଦିବାସୀ ସଂଘର ବ୍ଲକ ସମ୍ପାଦକ ସାରଥୀ ବାଗ, ମୁଖ୍ୟବକ୍ତା ଭାବରେ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ଗିରିରାଜ ଭୋଇ, ସମ୍ମାନିତ ଅତିଥି ଭାବେ ସଂଯୋଜକ ଗୌରାଙ୍ଗ ବରିହା, ଯୋଗଦେଇଥିଲେ। ଆଜିର ବିରତା ଦିବସରେ ମୁଖ୍ୟବକ୍ତା ଶ୍ରୀ ଭୋଇ ତାଙ୍କ ବକ୍ତବ୍ୟ ମାଧମରେ ମାଧୋ ସିଂ ବରିହା ଓ ତାଙ୍କ ଚାରୀ ପୁତ୍ର ପୁତ୍ର ହଟେ ସିଂ ବରିହା, କୁଞ୍ଜଲ ସିଂ ବରିହା, ବଇରୀ ସିଂ ବରିହା, ଅଏରୀ ସିଂ ବରିହା ଏବଂ ତାଙ୍କର ଜ୍ୱାଇଁ ନାରାୟଣ ସିଂ ବରିହା, ଗୋପାଳ ସିଂ ବରିହା ଭାରତ ସ୍ୱାଧୀନତା ସଂଗ୍ରାମରେ ଇଂରେଜ ମାନଙ୍କ ବିରୋଧରେ ଜୋରଦାର ଆନ୍ଦୋଳନ କରିଥିଲେ ।ତାଙ୍କ ପରିବାରରୁ ସବୁ ସଦସ୍ୟ ସ୍ୱାଧୀନତା ସଂଗ୍ରାମ ଝାସ ଦେବା ଭାରତ ଇତିହାସ କଣ ବିଶ୍ୱ ଇତିହାସରେ ବିରଳ ଘଟଣା ସେ ସମୟରେ ଚାଲୁଥିବା ଇଂରେଜ ମାନଙ୍କ ଖଜଣା ଆଦାୟ ନିୟମକୁ ମଧ ଦୃଢ଼ ଭାବେ ପ୍ରତିବାଦ କରିବା ସହ ଅନ୍ୟ ଗୌନ୍ତିଆ, ଜମିଦାର, ପ୍ରଜାମାନଙ୍କୁ କେହି ନଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଜା ମାନଙ୍କୁ ଖଜଣା ଦେବା କଷ୍ଟକର ହୋଇଥିବାରୁ ନିଜେ ଖଜଣା ମଧ ବୁଝେଇ ଥିଲେ ଇଂରେଜ ମାନଙ୍କୁ ମାତୃଭୂମିରୁ, ଭାରତ ଭୂମିରୁ ତଡିବା ପାଇଁ ଯୁବକ ମାନଙ୍କୁ, ମହିଳା ମାନଙ୍କୁ ଏକତ୍ର କରି ଯୁଦ୍ଧବିଦ୍ୟା ଶିଖାଉଥିଲେ। ଯେତେବେଳେ ତିହାର ଜେଲରେ ମାଧୋ ବରିହାଙ୍କ ସହିତ ଅନ୍ୟ ସଂଗ୍ରାମୀ ମାନେ ବନ୍ଦୀ ଜୀବନ ବିତାଉଥିଲେ। ସେ ସମୟରେ ବିପ୍ଳବୀ ମାନେ ଉଗ୍ରରୂପ ଧାରଣ କରି ତିହାର ଜେଲକୁ ଭାଙ୍ଗି ଦେଇଥିଲେ। ଜେଲରେ ମୁକୁଳିବା ପରେ ପୁଣି ନିଜ ସଂଗ୍ରାମକୁ ଆହୁରି ବଳିଷ୍ଠ କରିବା ପାଇଁ ଗାଁ ମାନଙ୍କୁ ସେନାନୀ ତିଆରି କଲେ, ଥରେ ବିଜୟା ଦଶମୀରେ ସେହି ଅ□ଳର ମହିଳା ମାନେ ମା ପାଟଣେଶ୍ୱରୀ ମନ୍ଦିରରେ ଏକତ୍ରିତ ହୋଇ ମା କୁ ପୂଜାର୍ଚ୍ଚନା କରି ବିଜୟ ସିନ୍ଦୁର, ବିଜୟ ତିଳକ ଲଗେଇ ମାଧୋ ସିଂ ବରିହାଙ୍କୁ ଆହୁରି ଉତ୍ସାହ ଦେଇଥିଲେ ମାଧୋ ସିଂ ବରିହାଙ୍କ ଜନ୍ମ ୧୭୮୬ ରୁ ୧୮୫୮ ଡିସେମ୍ବର ୩୧ ବଳିଦାନ ପର୍ଯ୍ୟନ୍ତ ବୀରତ୍ୱ, ବଳିଦାନ, ସଂଗ୍ରାମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରେଇ ତାଙ୍କ କାର୍ଯ୍ୟରେ ଅନୁସରଣ ଅନୁକରଣ କରି ମର୍ଯ୍ୟାଦା ସହ ବଞ୍ଚିବା ପାଇଁ ଆହ୍ୱାନ ଦେଇଥିଲେ । ଆଗାମୀ ଜାନୁଆରୀ ୨୮ ରେ ପାଟଣାଗଡ଼ ରେ ହେବାକୁ ଥିବା ଆଦିବାସୀ ମହାମେଳି ରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଆଜିର କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଡିଲେଶ୍ୱର ଭୋଇ, ହୀରାଧର ଭୁଏ, ସତ୍ୟବାନ ବରିହା, ଗିରିସୁତା ତୁମୁନିଆ, ସୁଶୀଳା ସାଣ୍ଟେ, ପଞ୍ଚାନନ ବୁଡ଼େକ, ଗୋପାଳ ସାଣ୍ଟେ, ସୁରେନ୍ଦ୍ର ବରିହା, ପଦ୍ମଲୋଚନ ବରିହା ଙ୍କ ସହିତ ଶତାଧିକ ଆଦିବାସୀ ମହିଳା ପୁରୁଷ ଉପସ୍ଥିତ ଥିଲେ । ସଭାକୁ ଯୁଧିଷ୍ଠିର ମିନ୍ଧା ପରିଚାଳନା କରିଥିବା ବେଳେ ପିଣ୍ଟୁ ବୁଡ଼େକ ଧନ୍ୟବାଦ ଦେଇଥିଲେ।

## କଣ୍ଟୁପଡ଼ା ଧାନମଣ୍ଡି ରେ ପିଅନ ବାବୁଙ୍କ ଦାଦାଗିରି

କଳାହାଣ୍ଡି/ମହାଭାରତ:କେସିଙ୍ଗା:କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କଣ୍ଟୃପଡ଼ା ଧାନ ମଣ୍ଡିରେ କୃଷି ସମବାୟ ସମିତି କଣ୍ଟୁପଡ଼ା ର ପିଅନ ବାବୁ ଙ୍କ ଅଧୀନରେ ଚାଲିଛି କଣ୍ଟୃପଡ଼ା ଧାନ ମଣ୍ଡି ଦିନସାରା ମଦ୍ୟ ପାନ କରି ପିଅନ ବାବୁ ଜଣକ ଦମଙ୍ଗଗିରି କରୁଛନ୍ତି। କିଛି ଗଣମାଧମ ପ୍ରତିନିଧି ରିପୋର୍ଟ ମାଗିବା ପାଇଁ ଯେତେବେଳେ ମଣ୍ଡିକୁ ଗଲେ ସେମାନଙ୍କୁ ପିଅନ ବାବୁ ଜଣକ ନିଶା ଅବସ୍ଥାରେ ଥାଇ ଖରାପ ବ୍ୟବହାର ଦେଖାଇ କଥାବାର୍ତ୍ତା କରି ଧମକ ଚମକ ଦେଲେ ଓ କହିଲେ ମୁଁ ହେଉଛି ଏହି ମଣ୍ଡି ର ସର୍ବେ ସର୍ବା ମୋତେ ଯାହା କହିବା କଥା କୁହନ୍ତୁ ସେକ୍ରେଟାରୀ କଣ କରିବ ଯାହା କରିବି ଯାହା ରିପୋର୍ଟ ଦେବୀ ମୁ ଦେବୀ ବୋଲି ଯୁକ୍ତିତର୍କ କଲେ ।ଯଦି ଧାନ ମଣ୍ଡି ରେ ଏ ପରି ଭାବରେ ମଦ୍ୟପାନ କରି କାର୍ଯ କରିବେ ତାହାହେଲେ ଚାଷୀ କାହାକୁ ଭରଷା କରିବେ ।ସହ ସହ ଚାଷୀ ଧାନମଣ୍ଡି କୁ ଧାନ ବିକ୍ରି ପାଇ ଆସୁଛନ୍ତି ହେଲେ ଏ ପରି ବ୍ୟକ୍ତ ଙ୍କ ପାଇ ସେମାନେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ଓ ଚାଷୀ ହନ୍ତସନ୍ତ ହେଉଛନ୍ତି ।ଏଣୁ ପ୍ରଶାସନ ଙ୍କୁ ଦାବି କରୁଛନ୍ତି ଚାଷୀ ଏ ପ୍ରକାର ବ୍ୟକ୍ତି କୁ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରାଯାଉ।

## ବିଭିନ୍ନ ଧାନମଣ୍ଡି ପରିଦର୍ଶନ କଲେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

କେନ୍ଦୁଝର(ମହାଭାରତ) : କେନ୍ଦୁଝର ଜିଲ୍ଲା ସଦର ସବଡ଼ିଭିଜନ ର ନରଣପୁର,କେନ୍ଦୋଇପସି, ଜମୁନାପଶି, ଚେମେଣା ପ୍ରଭୃତି ଧାନମଣ୍ଡୀ କୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି। ଏହି ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡୀ ଗୁଡିକ ଠିକଠାକ କାମ କରୁଛନ୍ତି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କରିଥିଲେ। ଓଡିଶା ରେ ବିଜେପି ମୋହନ ଚରଣ ମାଝିଙ୍କ ସରକାର ଆସିବା ପରେ ଚାଷୀ ମାନଙ୍କ ର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ମାନ ଚାଲୁ କରିଛନ୍ତ। ତତମଧ୍ୟରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ। ଚାଷୀ ମାନଙ୍କୁ ଆଉ ଶୋଷଣ ର ଶିକାର ହେବାକୁ ପଡ଼ିବନାହିଁ ବୋଲି ଶ୍ରୀ ସାହୁ କହିଥିଲେ। ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ମୋହନ ଚରଣ ମାଝି ସରକାର ବଦ୍ଧପରିକର ଅଟେ। ଯେଉଁ ମାନେ ଧାନ କିଣା କାରବାରରେ ବଦମାସି କରିବେ କିମ୍ବା ଚାଷୀ ମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ। ଉପସ୍ଥିତ ଚାଷୀ ମାନେ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଭାଗିରଥି ସିଂ, ଜିଲ୍ଲା ଧାନ ସଂଗ୍ରହ କମିଟି ର ସଦସ୍ୟ ଶ୍ରୀ ପ୍ରକାଶ ସୂତ୍ରଧର , ଅମିତ କୁମାର ସିଂହ, ବିଷ୍ଣୁ ବେହେରା, ସଞ୍ଜୟ କୁମାର ସାହୁ,ହୃଷୀକେଶ ମହାକୁଡ, ମନୋରଞ୍ଜନ ମହାନ୍ତି, ଶାନ୍ତନୁ ଖିଲାର, ଗୋରେଖନାଥ ନାୟକ, ସରୋଜ ଭଞ୍ଜ, ବୁଲୁ ମହାପାତ୍ର, ମିତ୍ର ଭାନୁ ନାୟକ, ବିପିନ ବିହାରୀ ମହାନ୍ତ, ଚତୁରା ମହାନ୍ତ ପ୍ରମୁଖ ଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକତା ଯୋଗଦାନ କରିଥିଲା ।



## ସଡ଼କ ଦୁର୍ଘଟଣାରେ ୨ ମୃତ୍ୟୁ, ଜଣେ ଗୁରୁତର

ଆଙ୍କର:-ସଡ଼କ ଦୁର୍ଘଟଣାରେ ୨ ମୃତ୍ୟୁ, ଜଣେ ଗୁରୁତର ।ଆଜି ଅପରାହ୍ନରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ମେଣ୍ଟ୍ରି ତେନ୍ତୁଳିଗଛ ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଦୁର୍ଘଟଣା ଘଟି ଘଟଣା ସ୍ଥଳରେ ୨ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି ।ମୃତକ ମାନେ ହେଲେ ଅଞ୍ଚଳଗୁମ୍ମା ପଞ୍ଚାୟତ ଚିତ୍ରକୋଟ ଗ୍ରାମର ଲଳିତ ମାଝୀଙ୍କ ପୁଅ ପୂର୍ଣ୍ଣ ଚନ୍ଦ୍ର ମାଝୀ ୨୩ବର୍ଷ ଓ ଦେବିକାନ୍ତ ବାଣୁଆଙ୍କ ପୁଅ ହେମନ୍ତ ବାଣୁଆ ୨୪ବର୍ଷ ବୋଲି ଜଣାପଡିଛି ।ଏବଂ ଅନ୍ୟ ଗୁରୁତର ଆହତ ପୂଜାରୀଗୁଡ଼ା ଗ୍ରାମର ପାତ୍ର ଭତ୍ରା ଙ୍କ ପୁଅ ସଞ୍ଜିପ ଭତ୍ରା ବୋଲି ଜଣାପଡ଼ିଛି ।ଗୁରୁତର ଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ତେନ୍ତୁଳିଖୁଣ୍ଟି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।ଦୁଇ ଯୁବକଙ୍କ ମୃତ୍ୟୁ କୁ ନେଇ ଚିତ୍ରକୋଟ ଗ୍ରାମରେ ଶକର ଛାୟା ଖେଳିଯାଇଛି।

## ମାନବିକତାର ପରିଚୟ ଦେଖାଇଲେ ଶୁଦ୍ଧିକ୍ରିୟା ପାଇଁ ଖର୍ଚ୍ଚ ବହନ କଲେ ବିଶ୍ୱାସ ପରିବାର ସମାଜସେବା ସଙ୍ଗଠନ

ଯାଜପୁର(ମହାଭାରତ):କୋରେଇ ବ୍ଲକ ମକୁନ୍ଦପୁର ପଂଚାୟତ ର ୮ୱାର୍ଡ ର ଶବର ସାହିର ମନ୍ଦିର ଖଟୁଆ ମର୍ତ୍ତ୍ୟ ବରଣ କରିଥିଲେ ପରେ ତାଙ୍କର ବୃଦ୍ଧା ପତ୍ନୀ ସାମୀଙ୍କ ଶୁଦ୍ଧିକ୍ରିୟା କିପରି କରିବେ ତାହାକୁ ନେଇ ଚିନ୍ତାରେ ପଡିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ବିଶ୍ୱାସ ପରିବାର ସଂଗଠନ ର ସଚିବ ସୁନୀଲ ଓଝା ଙ୍କୁ ଜଣାଇବାପରେ ପରେ ସହାୟତାର ହାତ ବଢାଇଲେ ବିଶ୍ୱାସ ପରିବାର ସଂଗଠନ ର ସଦସ୍ୟମାନେ । ପୁଣି ଥରେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ଶୁଦ୍ଧିକ୍ରିୟା ସମେତ ୧୦୦ଜଣ ଗ୍ରାମବାସୀଙ୍କ ଲାଗି ଏକାଦଶାହ ଭୋଜିର ଶୃଙ୍ଖଳା ରାସନ ସହିତ ସବୁ ପ୍ରକାରର ପନିପରିବା ସହିତ ବସ୍ତ୍ର ସହିତ କିଛି ଅନୁଦାନ ରାଶି ପ୍ରଦାନ କରିଥିଲେ କୋରେଇ ଅଂଚଳ ର ସାଦକପୁର ଗ୍ରାମ ପଂଚାୟତ ରେ ଏକ ବର୍ଷ ରୁ ଉର୍ଦ୍ଧ ହେବ ଏକ ସାମାଜିକ ଅନୁଷ୍ଠାନ ଗଢି ଉଠିଛି ସମାଜ କରିବା ପାଇଁ ୫୦ରୁ ଉର୍ଦ୍ଧ ହେବ ଯୁବଗୋଷ୍ଠି ଆଗେଇ ଆସିଛନ୍ତି ଆଜିର ସମାଜରେ ଏଭଳି ଯୁବକ ମାନଂକୁ ଯେତେ ପ୍ରଶଂସା କଲେ କମ ହେବ ବିଭିନ୍ନ ଜାଗାକୁ ଜାଇ ଅନେକ ଗରିବ ଦୁଃଖୀ ଙ୍କ ଦୁଃଖ ସହି ନ ପରି ଅଶୁଧା ଶୁଣି ଧାଇଁ ଜାନ୍ତି ତାଙ୍କ ପାଖକୁ ଭକ୍ତ କାର୍ଯ୍ୟରେ ଗ୍ରୁପର ଉପଦେଷ୍ଟା ଗୋରା ବାବୁ ଅବଦୁଲ ଅଜିଜ୍ ଖାଁ ପବିତ୍ର ବେହେରା ସଲମାନ ଖାଁ ବଡ ବାବୁ ସନ୍ତୋଷ ସେଠି କମରାନ ଖାଁ ବାସୁଦେବ ବାରିକ ସୁନୀଲ ଓଝା ଶିବ ପ୍ରସାଦ ସାହୁ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେବିଭିନ୍ନ ସାମାଜିକ କାର୍ଯ୍ୟ କରି ସ୍ଥାନୀୟ ଅଂଚଳରେ ପ୍ରଶଂସା ସାଉଁଟିଥିବା ସଂଗଠନ ବିଶ୍ୱାସ ପରିବାର ସଂଗଠନ କୋରେଇ ଅଂଚଳ ସେଚ୍ଛାସେବୀ ସଙ୍ଗଠନ ବିଶ୍ୱାସ ପରିବାର ସମାଜସେବା ସଙ୍ଗଠନର ସଦସ୍ୟ ମାନେ । ମାନବିକତାର ପରିଚୟ ମଧ ଦେଇଛନ୍ତି।



## ବାଇକ ଦୁର୍ଘଟଣାରେ ଜଣେ ମୃତ ଦୁଇ ଆହତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ବିଦାୟୀ ବର୍ଷର ଶେଷ ଦିନରେ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଖବରରୁ ପ୍ରକାଶ ଆଜି ୧୧ଘଣ୍ଟା ସମୟରେ ଠେଙ୍ଗାଗ୍ରାମର ଚନ୍ଦନ ଦେହୁରୀ କୌଣସି କାର୍ଯ୍ୟରେ ଘରୁ ଯାଉଥିବାବେଳେ ଜରଡ଼ା ପଂଚାୟତ ବଳିଆବନ୍ଧ ନିକଟରେ ବିପରୀତ ଦିଗରୁ ବାଇକରେ ଆସୁଥିବା ଟି□ଲପୁର ଗ୍ରାମର ନବକିଶୋର ପଲେଇଙ୍କ ପୁଅ ସୁବ୍ରତ ପଲେଇ ଓ ତାଙ୍କ ବନ୍ଧୁ ଟେଇଁ ଦେହୁରୀ ଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣ ଛିଟିକି ପଡି ଗୁରୁତର ଆହତ ହୋଇଥିବା ବେଳେ ବାଇକ ଦୁଇଟି ଭାଙ୍ଗି ଚୁରମାର ହୋଇଯାଇଛି ।ସ୍ଥାନୀୟ ଅଧିବାସୀଙ୍କ ଠାରୁ ଖବରପାଇ ଗୁରୁତର ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ରାସୋଳ ଡାକ୍ତରଖାନା ନିଆଯାଇଥିଲା। ତେବେ ଗୁରୁତର ଚନ୍ଦନଙ୍କୁ ଡାକ୍ତର ଢେଙ୍କାନାଳ ଡାକ୍ତରଖାନା ପଠାଇ ଦେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ଆହତ ସୁବ୍ରତଙ୍କୁ ହିନ୍ଦୋଳ ଡାକ୍ତରଖାନା ଓ ଟେଇଁଙ୍କୁ ଅନୁଗୋଳ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ନେଇଛନ୍ତି। ଖବର ପାଇ ରାସୋଳ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଦୁଇଟି ଜବତ କରି ତଦନ୍ତ ଜାରି ରଖିଛି।

## ସାଧାରଣ ତନ୍ତ୍ର ଦିବସ ପାଇଁ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ର ଷାଠିଏ ଜଣ କଳାକାର ଦିଲ୍ଲୀ ଗ୍ରସ୍ତ



କଳାହାଣ୍ଡି/ମହାଭାରତ:କେସିଙ୍ଗା ସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ର ଷାଠିଏ ଜଣ କଳାକାର କେନ୍ଦ୍ର ସଂସ୍କୃତି ବିଭାଗ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ମନୋନୀତ ହୋଇ ଏହି ବର୍ଷ ସାଧାରଣ ତନ୍ତ୍ର ଦିବସ ରେ କର୍ତ୍ତବ୍ୟ ପଥ ଦିଲ୍ଲୀ ଠାରେ ଜୟ ମାଆ ଭାରତୀ ନୃତ୍ୟ ଉତ୍ସବ ଉପଲକ୍ଷେ ଡାଲଖାଇ ନୃତ୍ୟ ପରିବେଷଣ କରିବେ । ଏହା କେସିଙ୍ଗା ତଥା କଳାହାଣ୍ଡି ଅଞ୍ଚଳ ପାଇଁ ଅନେକ ଗୌରବ ଆଣିଦେଇଛି । ଏମାନେ ଅଡିସନ ରେ ଚୟନ ହେବା ପରେ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ ପାଇଁ ଆଜି ଦିଲ୍ଲୀ ଯାଉଛନ୍ତି ।ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦ ଉପସ୍ଥିତ ରହି କଳାକାର ଙ୍କୁ ଶୁବେଚ୍ଛା ଜଣାଇଥିଲେ। ସମସ୍ତ କଳାକାର ତଥା ଅନୁଷ୍ଠାନ ର ସଭାପତି ସୁଶାନ୍ତ ମହାପାତ୍ର,ସମ୍ପାଦକ ଅକ୍ଷୟ ଦାସ,କୋଷାଧକ୍ଷ ବିକ୍ରମ ବାରିକ,ଜ୍ଞାନେନ୍ଦ୍ର ଭୋଇ,କୁମାର ସିଂ, ସୁଶାନ୍ତ ସିଂ ,ସଂଜୀବ ସିଂ,ହିନା,ଲକ୍ଷ୍ମୀ କାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପାରିକ୍ରମାର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ ଜୀବନବ୍ୟାପି ସାଧନା ସମ୍ମାନ ପାଇବେ ରାମଦାସ ମୁର୍ମୁ

ରାଇରଙ୍ଗପୁର (ମହାଭାରତ): ଆଜି ପରିକ୍ରମା ର ଚତୁର୍ଦ୍ଦଶ ସ୍ନକ୍ଷତ୍ର ଉତ୍ସବ ଓ ବର୍ଷାନ୍ତ ଆଲୋଚନା ଚକ୍ର ସ୍ଥାନୀୟ ପି ସି ଏମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ବିଶିଷ୍ଟ ସଂସ୍କୃତିବିତ୍, ସଂଗ୍ରାହକ, ସାମ୍ବାଦିକ ରାମଦାସ ମୁର୍ମୁଙ୍କୁ ଜୀବନବ୍ୟାପି ସାଧନା ସମ୍ମାନ ପ୍ରଦାନ କରାଯିବ। ଏହାଛଡା ଶିମିଳିପାଳ ଗୌରବ ସମ୍ମାନ ପାଇବେ କଣ୍ଠଶିଳ୍ପୀ ପ୍ରିୟବ୍ରତ ଦାସ, କ୍ରୀଡାସଂଗଠକ ଗୌରୀଶଙ୍କର ସିହ୍ନା ସ୍ୱଦେଶୀ ପ୍ରବକ୍ତା, ଛଉନୃତ୍ୟ ଶିଳ୍ପୀ ସତ୍ୟବ୍ରତ ଭୋଳ, ବିଶିଷ୍ଟ ଛଉ ଉସ୍ତାଦ ଓ ବୃକ୍ଷ ମିତ୍ର ନାଥୁରାମ ହେମ୍ବ୍ରମ,ସାରସ୍ୱତ ସାଧକ ଚନ୍ଦ୍ର ବିଜୟୀ ମିଶ୍ର,ବରିଷ୍ଠ ସାମ୍ବାଦିକ ମାନିକ ଲାଲ ପାଣି ଓ ଦେବବ୍ରତ ପଟ୍ଟନାୟକ, ହୋଟେଲ ଲିସେନସି, ରାମଚନ୍ଦ୍ର ସୋରେନ ସଙ୍ଗୀତ ନିର୍ମାତା, ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ସୁକୁମାର ରଣା,ନୃତ୍ୟ ନିର୍ଦ୍ଦେଶକ ମନୋଜ ମଲ୍ଲିକ୍,ଏସ ଏଲ ଏସ ମେମୋରିଆଲ ରେସିଡେନ୍ସିଆଲ ସ୍କୁଲ ପରିକ୍ରମା ଉତ୍କର୍ଷ ସମ୍ମାନ ପାଇବେ.ଏହାଛଡା ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସ୍ୱତନ୍ତ୍ର ଭାବେ ଗୋସମ୍ପଦ ରକ୍ଷକ ଦିଲ୍ଲୀପ ଦାସ, ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ସେବକ ପଣ୍ଡିତ ଦେବବ୍ରତ ରଥଶର୍ମା, ମେଘା ଅଗ୍ରୱାଲ, ମନିଷ ପାଲ ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ। ଶେଷରେ ରାଜ୍ୟର ଲୋକପ୍ରିୟ କଣ୍ଠଶିଳ୍ପୀ ମାନେ ସଙ୍ଗୀତ ପରିବେଷଣ କରିବେ. ଏଥିରେ ସାଂସଦ ନବ ଚରଣ ମାଝୀ, ବୟନିକା ର ରାଜ୍ୟ ସଭାପତି ପ୍ରକାଶ ମେହେର, ପୌରାଧକ୍ଷ ଅଭିଷେକ ପଟ୍ଟନାୟକ, ଉପଦେଷ୍ଟା ଈଶାନ ମିଶ୍ର, ସୁବାସ ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେବେ ବୋଲି ପରିକ୍ରମା ର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ଜଣାଇଛନ୍ତି।

## ଘର ଉଜାଡିଲା ବଣୁଆ ଦନ୍ତା



ବୈଶିଙ୍ଗା: ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ ସଇତପୁର ପଞ୍ଚାୟତ ଅଧୀନ କୁରିାକ ଗ୍ରାମରେ ସୋମବାର ସକାଳ ୬ଟା ସମୟରେ ବଣୁଆ ହାତୀପଶି ଜନୈକା ମହିଳାଙ୍କ ଘର ଉପରେ ଘନଘନ ଆକ୍ରମଣକରି ଘରକୁ ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଏହି ଆକ୍ରମଣରୁ ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ଖାଦ୍ୟ ଅନେ୍ୱଷଣରେ ବଣୁଆହାତୀ କୁରିାକ ଗାଁରେ ପଶିଥିଲା। ଏହାପରେ ଗ୍ରାମରେ ସାଲଗେ ସୋରେନଙ୍କ ଉପରେ ଘନଘନ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲା। ହାତୀ ଆକ୍ରମଣରେ ସାଲଗେଙ୍କ ଘର କାନ୍ଥ ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ହାତୀ ଆକ୍ରମଣ ସମୟରେ ସାଲଗେ ଘରେ ଶୋଇଥିଲେ। ତେବେ ସେ ଜୀବନ ବଞ୍ଚାଇ ଘରୁ ବାହାରକୁ ଦୌଡ଼ି ପଳାଇଆସି ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ।ଘର ଭାଙ୍ଗିବା ପରେ ସାଲଗେଙ୍କ ଘରେ ଗଚ୍ଛିତ ରଖିଥିବା ଧାନ ଚାଉଳ ଖାଇବା ସହିତ ଆସବାବପତ୍ର ଭଙ୍ଗାରୁଜା କରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଗ୍ରାମବାସୀମାନେ ହୋହଲ୍ଲା କରିବା ପରେ ହାତୀ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା।

## ରାଇରଙ୍ଗପୁର ଲ୍ୟାମ୍ପ୍ ପରିସରରେ ଧାନମଣ୍ଡି ଉଦ୍‌ଘାଟିତ

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ସହରର କଚେରୀ ନିକଟସ୍ତ ଲ୍ୟାମ୍ପ୍ ପରିସରରେ ଧାନମଣ୍ଡି ସଭାପତି ଏସିଏସଓ ସାରଙ୍ଗଧର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛ। ଏଥିରେ ମୁଖ୍ୟ ଅତିଥି ଭାବେ ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ରୂପେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ବିଡିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ସଭାପ୍ରାରମ୍ଭରେ ସଭାପତି ଧାନମଣ୍ଡି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହାପରେ ଅତିଥିଗଣ ଧାନର ଗୁଣାତ୍ମକମାନ, ଗତ ଦୁଇଦିନ ତଳେ ରାଇରଙ୍ଗପୁର ବ୍ଲକମାନଙ୍କରେ ଧାନମଣ୍ଡି ଉଦଘାଟିତ ହୋଇଥିଲା ।ଏବେ ରାଇରଙ୍ଗପୁରରେ ଧାନମଣ୍ଡି ଉଦ୍ଘାଟନ ହେଉଥିବାରୁ ସମସ୍ତ ଚାଷୀମାନଙ୍କୁ ସ୍ୱାଗତ କରିବା ସହିତ ଧାନର ଦର ଓ ସରକାରୀ ସହାୟତା ଦର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଟେଲିକମ୍ପାନୀ ମାନେ ସେବାରେ ଅବହେଳା କଲେ ଅର୍ଥ ଦଣ୍ଡ ଓ ସେବା ନିଷେଧାଦେଶ

ସମ୍ବଲପୁର:-(ମହାଭାରତ) ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ତ୍ତ ଜିଲ୍ଲାପରିଷଦ ସଭା ଗୃହ ଠାରେ ଟେଲିକମ ଗ୍ରାହକ ସଚେତନତା କର୍ମଶଳଓକୁ ଶିଶୁ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ମିନତୀ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଉଦ୍ଘାଘାଟନ କରିଥିଲେ । ଡିଜିଟାଲ ସାକ୍ଷରତା ଓ ଇ ସେବା ସମସ୍ତ ଇଣ୍ଟାରନେଟ ସେବା ଉପରେ ନିର୍ଭର, ସମସ୍ତ ବର୍ଗର ଲୋକେ ମୋବାଇଲ । ଇଣ୍ଟରନେଟ ବ୍ୟବହାର ଯାହା ଜୀବନର ଅପରିହାର୍ଯ୍ୟ ହେବାକୁ ଲାଗିଲାଣି ସେମତ ରଖିଥିଲେ। ଟ୍ରାଇ ସିଏଜି ବାର୍ତ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସାଧନ କର୍ମୀ ଭାବେ ଯୋଗ ଦେଇ ବିଭିଓ ପାୱାରପୟେଣ୍ଟ ମାଧ୍ୟମରେ ଉପସ୍ଥିତ ଖାଉଟିଙ୍କୁ ସଚେତନତା କରି ମୋବାଇଲ ଏସଏମଏସ, ୱାଟସ ଅପ୍ପ , ସରକାରଙ୍କ ସଂଚରସାଥି, ଚକ୍ଷୁ ଆପ ବ୍ୟବହାର ଓ ଡ଼ିଏନଡ଼ି, ମାଇସ୍ପୀଡ ଆପ, ଅଭିଯୋଗ ପ୍ରକାରଭେଦ ଉପରେ ତାଲିମପ୍ରଦାନ କରିଥିଲେ। ସାଇବାର ସେଲ ଥାନା ଅଧିକାରୀ ଶ୍ରୀମତୀ ଅମିୟ ଡୁଙ୍ଗୁଡୁଙ୍ଗୁ ସାଇବର ନିରାପାତଓ ଉପରେ ଓ ମହେଶ୍ୱର ସାହୁ ସାଇବର ନିରାପତର ବିଭିଓ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ମମତା, ଓ ସରକାରୀ ଯୋଜନାରେ ଅଧିକାଂଶ ସମ୍ବଲପୁର ଜିଲ୍ଲାରେ ସାଇବରଜନିତ କେଶ ରୁଜୁ ହୋଇଛି ବୋଲି ସେ କହିଥିଲେ ଓ ଜିଲ୍ଲା ବରିଷ୍ଠ ନାଗରିକ ସଭାପତି ରତ୍ନ ଭୁଶଣ ପୁରୁସେଟ ସଭା ଅଧକ୍ଷତାରେ ଗ୍ରାହକ ସଚେତନତା ସର୍ବତ୍ର ହେବା ଉପରେ ଗୁରୁ ଦେଇଥିଲେ , ନେଟୱ୍ୱର୍କ ସମସ୍ୟା, ଫେକ ମେସେଜ ଓ ସରକାର ଡିଜିଟାଲ ସାକ୍ଷର, ଇ ଗଭର୍ନ୍ନସ ଜନିତ ,ଉମାଙ୍ଗ,ଜନ ସମର୍ଥ,ଡିଗି ଲକାର,ଆଧାର ,ଇ-ସଞ୍ଜୀବନୀ ସ୍ୱାସ୍ଥ୍ୟ ସେବା,ଇ ଶ୍ରମ କାର୍ଡ, ଇ-ବେଙ୍କିଙ୍ଗ, ସମସ୍ତ ଇ-ସେବା ପାଇଁ ଆବଶ୍ୟକ ଭିତିଭୂମିର ଅଭାବ, ଅଞ୍ଚଳରେ ଟେଲିକମ କମ୍ପାନୀଙ୍କ କସ୍ଟମାର କେର ନମ୍ବର ମଓଧ୍ୟମରେରେ ସାଇବାର ଅପରାଧ ବୃଦ୍ଧି ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇଛନ୍ତି ଓ ସାଇବାର କ୍ରାଇମ ଆକାର । ନିରାକରଣ ଉପରେ ଉପସ୍ଥିତ ଗ୍ରାହକଙ୍କୁ ତାଲିମ ଦେଇଥିଲେଓ ଓ ସମ୍ବଲପୁର ଶତଓଧିକ ପଂଚାୟତରେ ଓ ବାମାର ଲଇକିରଓ ବ୍ଲକରେ ମୋବାଇଲ ଟାୱାର ଅସୁବିଧା ଉପରେ ଅଭିଯୋଗ କରିଥିଲେ । ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ କମ୍ପାନୀ ଅଣଦେଖା କରୁଛନ୍ତି ,ରଓତାରଓତି କମ୍ପାନୀ ମାନେ ରିଚର୍ଜ ପ୍ଲାନ ଭଡା ବଢେଇ ଦେଇଛନ୍ତି କିନ୍ତୁ ତା ତୁଳନାରେ ସେବା ନଦେବା, ଅଭିଯୋଗ ପ୍ରଣାଳୀକୁ ସରଳ କରିବା , ଅଧିକ ଟୋଲ ଫ୍ରୀ ନମ୍ବର, ୱାଟସ ଆପ୍ପ ନମ୍ବର ଓ ଓଡିଆ ଭାଷଓରେ ସୁଗମ୍ୟ କରିବା ଅଧିକରୁ ଅଧିକ ଗ୍ରାହକ ସଚେତନତା କର୍ମଶଳଓ କମ୍ପାନୀଗୁଡିକ କରିବା ଉପରେ ସମସ୍ତେ ଦାବୀ କରିଥିଲେ । ଟ୍ରାଇ ନିୟମ ଓ ନିର୍ଦ୍ଦେଶଓବଳୀ ଟେଲିକମ୍ପାନୀ ମାନନ୍ତୁ ଖିଲାପହେଲେ ଅର୍ଥ ଦଣ୍ଡ ସହ ସେବା ନିଷେଓଦଶ ବଳବତ୍ତର ଅଛି । କର୍ମଶାଳାରେ ଅଙ୍ଗନବାଡିକର୍ମୀ, ଭିଉକ୍ଷମ ନେତା, ବରିଷ୍ଠନାଗରିକମ□, ମହିଳା ସ୍ୱୟସହାୟକଦଳ, ଶତଓଧିକରୁ ଉପସ୍ଥିତ ଥିଲେ । ବିଏସଏନଏଲ ,ଜିଓ କ୍ଷେତ୍ର ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ, ବିକଳାଙ୍ଗ ନେତା ବଦ୍ରି ନାରାୟଣ ହୋ□। ସମସ୍ତଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ ।

## ରୋଗ ଶଯ୍ୟାରେ ରୋଜଗାରିଆ ପୁଅ ନିରଞ୍ଜନ



ଦାନଗଦି:( ମହାଭାରତ)ଦୁଃଖ ଯେତେବେଳେ ମାଡ଼ିଆସେ ଭାଇ ବନ୍ଧୁ ପରିବାର କିଛି ଦେଖିନଥାଏ,ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଦାନଗଦି ଅଞ୍ଚଳରେ ।ବର୍ଷେ ପୁରିଗଲାଣି ହେଲେ ବିଛଣାରେ ପଡିରହି କଷ୍ଟ ଶାଯ୍ୟାର ଜୀବନ ଅତିବାହିତ କରୁଛନ୍ତି ନିରଞ୍ଜନ , ଦାନଗଦି ବ୍ଲକ ସାଳିଜଙ୍ଗା ପଞ୍ଚାୟତ ବୀଣାପାଟିଆ ଗ୍ରାମର ସନିଆ ନାୟକ ଙ୍କ ପୁଅ ନିରଞ୍ଜନ ରାଜମିସ୍ତ୍ରୀ ଭାବେ କାମ କରିଆସୁଥିବାବେଳେ ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ। ଯାହାବି ରୋଜଗାର କରୁଥିଲେ ବୃର୍ଦ୍ଧ ବାପା ମା ଙ୍କ ଭରଣ ପୋଷଣ କରିବା ସହ ବେସ ହସ ଖୁସିରେ ପରିବାର ର ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ଖୁସିରେ ଜୀବନ ଅତିବାହିତ କରୁଥିଲେ। ଘରର ସଟ୍ରିଙ୍ଗ କାମ କରୁଥିବାବେଳେ ହଠାତ ତାଜର ଫଲ୍ସ ଖସିପଡ଼ିଥିଲା ନିରଞ୍ଜନ ଙ୍କ ଶରୀରଉପରେ । ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ନିରଞ୍ଜନ ଙ୍କୁ ଘଷିପୁରା ମେଡିକାଲ ନିଆଯାଇଥିଲା ପରେ କଟକ ମେଡିକାଲ ରେ ଚିକିତ୍ସା ହୋଇଥିଲେ ଘରେ ଯାହା ଥିଲା ବିକି ଭାଙ୍ଗି ବାପା ପୁଅ ନିରଞ୍ଜନ ର ଚିକିତ୍ସା କରାଇବା ପରେ ଅର୍ଥ ଅଭାବରୁ ପୁଅ ନିରଞ୍ଜନର ଚିକିତ୍ସା କରାଇବାରେ ଅସକ୍ଷମ ହୋଇପଡିଲେ ପରିବାର ଲୋକେ ।ଚାହୁଁ ଚାହୁଁ ବର୍ଷେ ବିତିଗଲାଣି ହେଲେ ବିଛଣାର ଶେଯରେ ପଡିରହି ଦୁଃଖ ଯନ୍ତ୍ରଣା ଭୋଗୁଛନ୍ତି ନିରଞ୍ଜନ। ପୁଅର ଦୁଃଖ ଅବସ୍ଥା ଦେଖି ବୃଦ୍ଧ ମା ଆଖିର ଲୁହ ମନର କୋହ କୁ ସମ୍ଭାଳି ନପାରି ଚିନ୍ତାରେ ଦୃଷ୍ଟି ଶକ୍ତି ହରାଇଲେ, ନିରଞ୍ଜନ ଙ୍କ ମା କୁହନ୍ତି ପୁଅର ଏପରି ଅବସ୍ଥା ହେଲା ଦିନଠୁ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି ।ନିରଞ୍ଜନ କୁହନ୍ତି ଏପରି ଅବସ୍ଥା ହେଲା ଦିନରୁ ଧୁଖ ଯିବାର ନା ଧରୁନି ମା ଭିକ ମାଗି ଯାହା ଆଣନ୍ତି ଓଳିଏ ଖାଇଲେ ଓଳିଏ ଉପାସ ରେ ଦିନ କାଟିବାକୁ ପଡୁଛି। ନିରଞ୍ଜନ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଥିବାବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ପହଞ୍ଚି ପାରିନାହିଁ ଚିକିତ୍ସା ପାଇଁ ସରକାର ଙ୍କ ତରଫ ରୁ କିଛି ବ୍ୟବସ୍ଥା ହେଲେ ନିରଞ୍ଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପୂର୍ବ ପରି ଫେରି ଆସନ୍ତା ପରିବାର ବର୍ଗ କହିଛନ୍ତି । ନିରଞ୍ଜନ ଙ୍କ ଏହି ହୃଦୟ ବିଦାର କାହାଣୀ ଦେଖି ଯେଉଁ ମାନେ ସାହାଯ୍ୟ କରିବାକୁ ଚାହୁଁଛନ୍ତି ଏହି ଆକାଉ□ ନମ୍ବରେ ସାହାଯ୍ୟ କରିପାରିବେ,ଆକୁ□ ନମ୍ବର, ୫୪୨୯୧୦୧୧୦୦୦୪୪୨୪,

# ଛୋଟ ପିଲାଙ୍କୁ ମଦ୍ରାସାରେ ଦିଆ ଯାଉଛି ଆତ୍ମଘାତୀ ହେବାର ଟ୍ରେନିଂ, ୨ ବାଂଲାଦେଶୀ ଆତଙ୍କୀ ଗିରଫ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ପଶ୍ଚିମବଙ୍ଗ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ(ଏଟିଏଫ୍) ସୋମବାର ମୁର୍ସିଦାବାଦ ଜିଲ୍ଲାର ଦୁଇ ଜଣଙ୍କୁ ଗିରଫ କରିଛି । ସେମାନଙ୍କର ଚିହ୍ନଟ ସଜିବୁଲ ଇସ୍ଲାମ(୨୪) ଓ ମୁସ୍ତାକିମ୍ ମଣ୍ଡଳ(୨୬) ରୂପରେ ହୋଇଛି । ଦୁହିଁଙ୍କର ସମ୍ପର୍କ ଅଲ୍କାଏଦା ସହ ଜଡିତ ଆତଙ୍କବାଦୀ ସଂଗଠନ ଅନସାରୁଲ୍ଲାହ ବାଂଲା ଟିମ୍ (ଏଟିବି) ସହ କରାଯାଉଛି । ଏହି ଗିରଫଦାରୀ ଜିଲ୍ଲାରେ ପ୍ରଥମ ମିନାରୁଲା ଶେଖ୍ ଓ ମହମ୍ମଦ ଆବାସଙ୍କ ଗିରଫ ପରେ ହୋଇଛି । ମିନାରୁଲ ଓ ଅବାସଙ୍କ ଉପରେ ଛୋଟ ପିଲାଙ୍କୁ ଆତ୍ମଘାତୀ କରିବାର ଟ୍ରେନିଂ ଦେଉଥିବାର ଅଭିଯୋଗ ରହିଛି । ଇଣ୍ଡିଆନ୍ ଏକ୍ସପ୍ରେସର ରିପୋର୍ଟ ଅନୁସାରେ, ପୋଲିସ କହିଛି ମିନାରୁଲା ଓ ଆବାସ୍ ୧୨ ରୁ ୧୬ ବର୍ଷର ଶିଶୁଙ୍କୁ ଟାର୍ଗେଟ କରି ସ୍ଥାନୀୟ ମଦ୍ରାସାରେ କଟ୍ଟରପନ୍ଥୀ ବିଚାରଧାରା ସହ ତାଙ୍କର ଭର୍ତ୍ତି କରୁଥିଲେ । ଏହି ପିଲାଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ଟ୍ରେନିଂ ଦିଆଯାଉଥିଲା । ପୋଲିସର ଦାବି ଅନୁସାରେ, ମୁର୍ସିଦାବାଦ, ନଦିଆ, ଉତ୍ତର ଦିନାଜପୁର ଓ ଅଲ୍ଲିପୁରଦ୍ୱାରରେ ୩୦ ଆତ୍ମଘାତୀ ଆକ୍ରମଣକାରୀଙ୍କ ନେଟୱର୍କ ତିଆରି କରିବାର ଯୋଜନା କରିଥିଲେ । ଯାଞ୍ଚ ପରେ ଜଣାପଡିଛି ଯେ, ମଦ୍ରାସାରେ ଏଲଇଡି ସ୍କ୍ରିନ୍ ଜରିଆରେ ପିଲାଙ୍କୁ ଟ୍ରେନିଂ ଦିଆଯାଉଥିଲା । ଏହି ଟ୍ରେନିଂର ସଞ୍ଚାଳୟନ ଏଟିବିର ବଙ୍ଗଳା ଶାଖାର ନେତା ଆମିର ଓ ଜସିମୁଦ୍ଦିନଙ୍କ ଦ୍ୱାରା କରାଯାଉଥିଲା । ଏହି ମାମଲାକୁ ନେଇ ତୃଣମୂଳ କଂଗ୍ରେସ(ଟିଏମ୍ସି) ଓ ଭାରତୀୟ ଜନତା ପାର୍ଟି(ବିଜେପି) ଭିତରେ ରାଜନେତିକ ବିବାଦ ଆରମ୍ଭ ହୋଇଯାଇଛି । ଟିଏମ୍ସି କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ ଆଣିଥିଲା ଯେ, ସେ ସୀମା ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ରହିଛନ୍ତି, ଯାହାଫଳରେ ଆତଙ୍କବାଦୀ ପଶ୍ଚିମବଙ୍ଗରେ ପଶୁଛନ୍ତି । ସେଭଳି ବିଜେପି କହିଛି ରାଜ୍ୟର ଶାସକ ପାର୍ଟି ପାଇଁ ପଶ୍ଚିମବଙ୍ଗରେ ଆତଙ୍କବାଦୀ ପାଇଁ ସ୍ୱର୍ଗ ପାଲଟିଛି ।

# ଆଦାନୀ ୱିଲ୍ମରରୁ ବାହାରିଯିବ ଆଦାନୀ, ୪୪% ଅଂଶଧନ କରିବ ବିକ୍ରି

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଆଦାନୀ ଗ୍ରୁପର ଛାମୁଆ କମ୍ପାନୀ ଆଦାନୀ ଏଣ୍ଟର୍ପ୍ରାଇଜେସ୍ ଲିମିଟେଡ୍(ଏଇଏଲ୍) ଏଫ୍ଏମ୍ସିଜି କମ୍ପାନି ଆଦାନୀ ୱିଲ୍ମର ଜଏଣ୍ଟ୍ ଭେଞ୍ଚରୁ ବାହାରିଯିବ । କମ୍ପାନୀ ପକ୍ଷରୁ ଏହି ଘୋଷଣା କରାଯାଇଛି । ଆଦାନୀ ୱିଲ୍ମର୍ ଯୌଥ ଉଦ୍ୟୋଗରୁ ଆଦାନୀ ଏଣ୍ଟାପ୍ରାଇଜେସ୍ ଏହାର ସମ୍ପୂର୍ଣ୍ଣ ୪୪% ଅଂଶଧନ ବିକ୍ରି କରିବ । ଡିସେମ୍ବର ୩୦ରେ ଷ୍ଟକ୍ ଏକ୍ସଚେଞ୍ଜ୍ ଫାଇଲିଂରେ ଆଦାନୀ ଏଣ୍ଟପ୍ରାଇଇଜେସ୍ ପ୍ରକାଶ କରିଛି ଯେ, କମ୍ପାନି ସର୍ବନିମ୍ନ ପବ୍ଲିକ୍ ସେୟାରହୋଲ୍ଡିଙ୍ଗ୍ ରିକ୍ୱାର୍ମେଣ୍ଟ୍ସର କମ୍ପ୍ଲିଆନ୍ସ ପାଇଁ ଆଦାନୀ ୱିଲ୍ମରରେ ପ୍ରାୟ ୧୩% ସେୟାର ବିକ୍ରି କରିବ । ଏହାବ୍ୟତୀତ ଆଦାନୀ ଏଣ୍ଟର୍ପ୍ରାଇଜେସ୍, ଆଦାନୀ କମୋଡିଟିଜ୍ ଏଲ୍ଏଲ୍ପି(ଏସିଏଲ୍)




ଏବଂ ଲେନ୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ହୋଇଛି । ଏହି ଚୁକ୍ତି ଅଧୀନରେ ଲେନ୍ସ ପ୍ରାଇଭେଟ୍ ଲିମିଟେଡ୍, ଆଦାନୀ କମୋଡିଟିଜ୍ ଏଲ୍ଏଲ୍ପି ପାଖରେ ଥିବା ଆଦାନୀ ୱିଲ୍ମରର ଇକ୍ୱିଟି ସେୟାର କିଣିବ । ଯୌଥ ଉଦ୍ୟୋଗରେ ଥିବା ଆଦାନୀ ଏଣ୍ଟପ୍ରାଇଜେସର ଅବଶିଷ୍ଟ ୩୧.୦୬% ଅଂଶଧନ ବିକ୍ରି ପାଇଁ ଏହା ହେବ । ଏସିଏଲ୍ ଆଦାନୀ ଏଣ୍ଟର୍ପ୍ରାଇଜେସ୍ର ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀ । ସେହିଭଳି ଲେନ୍ସ, ୱିଲ୍ମର ଇଣ୍ଟର୍ନ୍ୟାସ୍ନାଲ ଲିମିଟେଡର ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀ । ଏହିଭଳି ଭାବେ ଦୁଇଟି ପର୍ଯ୍ୟାୟରେ ଆଦାନୀ ୱିଲ୍ମରରେ ଆଦାନୀ ଗ୍ରୁପ୍ ପକ୍ଷରୁ ମୋଟ ୪୪% ଅଂଶଧନ ବିକ୍ରି କରାଯିବ । ଏହାପରେ ଆଦାନୀ ଏଣ୍ଟପ୍ରାଇଜେସ୍ ଆଦାନୀ ୱିଲ୍ମରରୁ ସମ୍ପୂର୍ଣ୍ଣ ରୂପେ ବାହାରିଯିବ । ସେହିଭଳି ୱିଲ୍ମର ଇଣ୍ଟରନ୍ୟାସନାଲ ପାଖରେ ଆଦାନୀ ୱିଲ୍ମରରେ ଥିବା ଆଦାନୀ ଏଣ୍ଟପ୍ରାଇଜେସର ୩୧% ଅଂଶଧନ ଆସିଯିବ । ଆଦାନୀ ୱିଲ୍ମରରେ ଆଦାନି ଏଣ୍ଟପ୍ରାଇଜେସର ଅଂଶଧନ ବିକ୍ରି ମାଧ୍ୟମରେ ପ୍ରାୟ ୨୦୦ କୋଟି ଡଲାର ବା ୧୭,୧୦୧ କୋଟି ଟଙ୍କାର ପାଣ୍ଠି ଆସିବ । ଆଦାନୀ ଗ୍ରୁପ୍ ଏହି ପାଣ୍ଠିର ବ୍ୟବହାର ନିଜର 'କୋର୍ ଇନ୍ଫ୍ରାଷ୍ଟ୍ରକ୍ଚର ପ୍ଲାଟଫର୍ମ'ରେ କରିବ ବୋଲି ଜଣାପଡ଼ିଛି ।

# ଭବିଷ୍ୟତରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପାଇଁ ଅତୀତକୁ ଭୁଲି ଯାଅ

**ଇମ୍ଫାଲ,୩୧।୧୨(ଏଜେନ୍ସି):** ରାଜ୍ୟବାସୀଙ୍କୁ କ୍ଷମା ମାଗିଲେ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ । ମେ' ୩, ୨୦୨୩ମସିହାରୁ ଘଟିଚାଲିଥିବା ହିଂସା ପାଇଁ ରାଜ୍ୟବାସୀଙ୍କୁ କ୍ଷମା ମାଗିଛନ୍ତି ମୁଖ୍ୟମନ୍ତ୍ରୀ । ଭବିଷ୍ୟତରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପାଇଁ ଚେଷ୍ଟା କରୁଛି । ତେଣୁ ଆସନ୍ତା ନୂଆ ବର୍ଷରେ ଅତୀତକୁ ଭୁଲି ମୋତେ କ୍ଷମା କରିବେ ବୋଲି ସେ ମଣିପୁରବାସୀଙ୍କୁ ନିବେଦନ କରିଛନ୍ତି । ମଙ୍ଗଳବାର ରାଜଧାନୀ ଇମ୍ଫାଲରେ ଥିବା ତାଙ୍କ ବାସଭବନରେ ସେ ଏହି ମନ୍ତବ୍ୟ ଦେଇ ସରକାରଙ୍କ ବିକାଶ କାର୍ଯ୍ୟ, ସଫଳତା ଏବଂ ଆଗାମୀ ବର୍ଷ ପାଇଁ ଥିବା ଯୋଜନା ଉପରେ ଆଲୋକପାତ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିରେନ ସିଂ କହିଛନ୍ତି ଯେ,୨୦୨୪ ବହୁତ ଦୁର୍ଭାଗ୍ୟପୂର୍ଣ୍ଣ ଥିଲା। ଗତ ମେ' ୩ ତାରିଖରୁ ଆଜି ପର୍ଯ୍ୟନ୍ତ ଯାହା ଘଟୁଛି ସେଥିପାଇଁ ମୁଁ ରାଜ୍ୟବାସୀଙ୍କୁ କ୍ଷମା ମାଗିବାକୁ ଚାହୁଁଛି । ଅନେକ ଲୋକ



ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି । ଅନେକ ଲୋକ ନିଜ ଘର ଛାଡି ଚାଲିଯାଇଛନ୍ତି । ମୁଁ ଦୁଃଖିତ । ମୁଁ କ୍ଷମା ପ୍ରାର୍ଥନା କରୁଛି । କିନ୍ତୁ ଗତ ତିନିରୁ ଚାରି ମାସ ମଧ୍ୟରେ ଆମେ ଶାନ୍ତି ଆଡକୁ ଅଗ୍ରଗତି କରୁଥିବା ନେଇ ଦେଖିବା ପରେ ମୁଁ ଆଶା କରୁଛି, ମୁଁ ବିଶ୍ୱାସ କରୁଛି ୨୦୨୫ସୁଦ୍ଧା ରାଜ୍ୟରେ ସ୍ୱାଭାବିକତା ଫେରି ଆସିବ। ସେ ଆହୁରି ମଧ୍ୟ କହିଛନ୍ତି, ବିମାନ ଯାତ୍ରା ବେଳେ ମହଙ୍ଗା ଟିକେଟ ସମସ୍ୟାର ସମାଧାନ ପାଇଁ ମଣିପୁର ସରକାର ସୁଲଭ ମୂଲ୍ୟରେ ଏଲାଇନ୍ସ ବିମାନ ସେବା ଆରମ୍ଭ କରିବେ। ଏହା ଅଧୀନରେ ବିମାନ ଭଡା ୫୦୦୦ରୁ ଅଧିକ ହେବ ନାହିଁ । ମଣିପୁର ସରକାର ବିମାନରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଭଡା ଉପରେ ସବସିଡି ପ୍ରଦାନ କରିବେ । ଏହି ବିମାନ ସେବା ସପ୍ତାହରେ ଦୁଇଥର ଇମ୍ଫାଲ-ଗୌହାଟି, ଇମ୍ଫାଲ-କୋଲକାତା ଏବଂ ଇମ୍ଫାଲ-ଦିମାପୁର ରୁଟରେ ଉଡ଼ାଣ କରିବ ।

## ଇସ୍ରାଏଲ ଉପରେ ୟେମେନର କ୍ଷେପଣାସ୍ତ୍ର ମାଡ଼

**ଜେରୁଜେଲମ,୩୧।୧୨(ଏଜେନ୍ସି):** ମଧ୍ୟପ୍ରାଚ୍ୟର ବିଭିନ୍ନ ଅଂଚଳରେ ଯୁଦ୍ଧ ଚାଲିଥିବା ବେଳେ ୟେମେନର ସେନା ଇସ୍ରାଏଲର ବିମାନବନ୍ଦର ଓ ପାଭେଲ ଷ୍ଟେସନ ଉପରେ ଆକ୍ରମଣ କରିଛି । ତେବେ ଇସ୍ରାଏଲ ସେନା ଦାବି କରିଛି ଯେ ସେମାନେ ୟେମେନରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ଖସାଇ ଦେଇଛନ୍ତି । ଇସ୍ରାଏଲୀ ସେନା ଆଇଡିଏଫ କହିଛି ଯେ ଏହି କ୍ଷେପଣାସ୍ତ୍ର ଇସ୍ରାଏଲ ଆକାଶସୀମାରେ ପ୍ରବେଶ କରିବା ପୂର୍ବରୁ ଏହାକୁ ଖସାଇ ଦିଆଯାଇଥିଲା । ଇସ୍ରାଏଲର ସାର୍ବଜନୀନ ପ୍ରସାରଣ ସଂସ୍ଥା କେଏଏନ୍ ମଧ୍ୟ ଏକ ଭିଡିଓ ଜାରି କରିଛି, ଯେଉଁଥିରେ ଜେରୁଜେଲମ ନିକଟସ୍ଥ ବେଲ୍ଟ ଶେମେଶରେ ଏହି କ୍ଷେପଣାସ୍ତ୍ରର ଭଗ୍ନାବଶେଷ ଦେଖିବାକୁ ମିଳିଛି । କୁହାଯାଉଛି ଯେ ଏହି ଆକ୍ରମଣ ପରେ ତେଲ ଅବିଭର ବେନ ଗୁରିୟନ ବିମାନବନ୍ଦରରୁ ଉଡ଼ାଣ ଓ ଅବତରଣ କୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି ।

# ମୋନାଲୀ ଓ ସୋଲଙ୍ଗ ଭ୍ୟାଲିକୁ ପର୍ଯ୍ୟଟକଙ୍କୁ ଆସିବାକୁ ମନା

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଥଣ୍ଡା ଦିନରେ ପର୍ଯ୍ୟଟକମାନେ ହିମାଚଳ ପ୍ରଦେଶର ମନାଲୀ ଓ ସୋଲଙ୍ଗ ଘାଟି ଯିବାକୁ ଖୁବ୍ ପସନ୍ଦ କରନ୍ତି । ଚଳିତ ବର୍ଷ ମଧ୍ୟ ଏଠାକୁ ବହୁ ସଂଖ୍ୟାରେ ଲୋକେ ବୁଲିବାକୁ ବାହାରିଛନ୍ତି । ହେଲେ ପ୍ରବଳ ବରଫପାତ ଯୋଗୁଁ ପର୍ଯ୍ୟଟକଙ୍କୁ ଖୁବ୍ ସମସ୍ୟାର ସାମ୍ନା କରିବାକୁ ପଡୁଛି ।ପ୍ରବଳ ବରଫପାତ କାରଣରୁ ୧୮୦୦ରୁ ଅଧିକ ଗାଡ଼ି ରାସ୍ତାରେ ଫସି ରହିଛନ୍ତି। ଅନେକ ଇଣ୍ଟରନେଟ୍ ୟୁଜର ଟ୍ରାଫିକରେ ଫସି ନିଜ ଗାଡ଼ିର ଫଟୋ ଓ ଭିଡ଼ିଓ ସେୟାର କରିଛନ୍ତି । ଏଥିରେ ଚଲକି ତ୍ୟାଗୀ ନାମକ ସୋସିଆଲ ମିଡ଼ିଆ ୟୁଜର ଏକ ଫଟୋ ସେୟାର କରିଛନ୍ତି। ସେ ଅନ୍ୟ ପର୍ଯ୍ୟଟକଙ୍କୁ ଚେତାବନୀ ଜାରି କରି କହିଛନ୍ତି କି ଏଠାକୁ ଆସୁବାକୁ ଦୂରେଇ ରୁହନ୍ତୁ । ପାଣିପାଗର ସ୍ଥିତି ଖୁବ୍ ଖରାପ । ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇ ଥିବା ଭିଡ଼ିଓରେ ତ୍ୟାଗୀ ସାଥି ଯାତ୍ରୀଙ୍କୁ ଚେତାବନୀ ଦେଇ କହିଛନ୍ତି , ମନାଲୀ ଓ ସୋଲଙ୍ଗ ଭ୍ୟାଲି କେହି ବି ଆସ ନାହିଁ ! ଅନ୍ଧାରରେ ରେକର୍ଡ କରାଯାଇ ଥିବା ଭିଡ଼ିଓ ପୋଷ୍ଟ କରାଯାଇଛି, ଯେଉଁଥିରେ ବରଫରେ ଢଙ୍କା ସୋଲଙ୍ଗ ଭ୍ୟାଲି - ଅଟଳ ସୁଡ଼ଙ୍ଗ ମାର୍ଗରେ ଫସି ଥିବା କାର୍ ଗୁଡ଼ିକର ଧାଡ଼ି ଦେଖିବାକୁ ମିଳିଛୁ । ହିନ୍ଦୁସ୍ତାନଟାଇମ୍ସ ଡଟ୍ କମ୍ ଏହି ଭିଡ଼ିଓକୁ ସ୍ୱତନ୍ତ୍ର ଭାବେ ସ୍ପଷ୍ଟ କରି ନାହିଁ । ତ୍ୟାଗୀ ନିଜର ପୋଷ୍ଟରେ କହିଛନ୍ତି କି ସେ ସକାଳ ୧୦ଟାରୁ ଫସି ରହିଛନ୍ତି । ଆମକୁ ଏହା ଜଣାନାହି ଟ୍ରାଫିକ୍ କେବେ ଓ କେମିତି ଖାଲି ହେବ । ସେ ଟ୍ରାଫିକ୍ ସବ ଡିଭିଜନାଲ ମାଜିଷ୍ଟ୍ରେଟ୍ଙ୍କୁ ଗାଡ଼ି ଫସିବାର ଜଣାଇଛନ୍ତି । ଏଠାରେ ଲୋକେ ଘଣ୍ଟା ଘଣ୍ଟା ଧରି ବରଫପାତ ମଧ୍ୟରେ ଫସି ରହିଛନ୍ତି ଏବଂ ସେମାନେ ବୁଝି ପାରୁ ନାହାନ୍ତି କଣ କରିବେ । ଉଲ୍ଲେଖନୀୟ ଯେ , ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା-ବରଫପାତ ଯୋଗୁଁ ୩ରାଷ୍ଟ୍ରୀୟ ରାଜମାର୍ଗ ସମେତ ରାଜ୍ୟ ସାରା ୪୩୩ ସଡ଼କ ବନ୍ଦ ହୋଇ ଯାଇଛି । ଶୁକ୍ରବାର ରାତିରେ ସୋଲଙ୍ଗନାଲାରୁ ୨୦୦୦ ଗାଡ଼ିରେ ଫସି ଥିବା ପାଖାପାଖି ୧୦ ହଜାର ଟୁରିଷ୍ଟଙ୍କୁ ସୁରକ୍ଷିତ ମନାଲୀ ପହଞ୍ଚା ଯାଇଛି । ଅନେକ ଅଞ୍ଚଳରେ ଗତ ୨୪ ଘଣ୍ଟା ହେବ ଲଗାତାର ହିମପାତ ଯୋଗୁଁ ପାହାଡ଼ ବରଫରେ ଢାଙ୍କି ହୋଇ ଯାଇଛି ।

# ହସ୍ପିଟାଲରେ ଭର୍ତ୍ତି ହେଲେ ନେତ୍ୟାନାହୁ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କର ସ୍ୱାସ୍ଥ୍ୟ ଅବନତି ହେତୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା । ତାଙ୍କର ପ୍ରୋଷ୍ଟେଟ ସର୍ଜରୀ କରାଯାଇଥିବାବେଳେ ଅପରେସନ୍ ସଫଳ ହୋଇଛି । ତେବେ ନେତାନ୍ୟାହୁ ଆଉ କିଛି ଦିନ ଡାକ୍ତରଖାନାରେ ରହିବେ । ସେଥିପାଇଁ ତାଙ୍କ ଘନିଷ୍ଠ ସହଯୋଗୀ ଯାରିଭ ଲେଭିନ୍, ଯିଏକି ତାଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ତଥା ନ୍ୟାୟ ମନ୍ତ୍ରୀ ଅଛନ୍ତି ସେ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ । ଇସ୍ରାଏଲର




ସରକାରୀ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନେତାନ୍ୟାହୁ ବୁଧବାର ଏକ ମୂତ୍ରନଳୀ ସଂକ୍ରମଣରେ ଆକ୍ରାନ୍ତ ହୋଇଥିଲେ । ଯାହା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା । ୭୫ ବର୍ଷୀୟ ନେତାନ୍ୟାହୁ ଦୁନିଆର ସେହି ନେତାମାନଙ୍କ ତାଲିକାରେ ଅଛନ୍ତି ଯେଉଁମାନଙ୍କର ବୟସ ୭୫ ବର୍ଷ । ନେତାନ୍ୟାହୁଙ୍କ ବ୍ୟତୀତ ଆମେରିକାର ରାଷ୍ଟ୍ରପତି ଜୋ ବିଡେନ ୮୨, ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭୮, ବ୍ରାଜିଲର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ୭୯ ଏବଂ ପୋପ ଫ୍ରାନ୍ସିସଙ୍କୁ ୮୮ ବର୍ଷ ହେଲାଣି । ନିକଟରେ ନେତାନ୍ୟାହୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତାଙ୍କ ନିକଟବର୍ତ୍ତୀ ଲୋକମାନେ ଜେରୁଜେଲମ୍ ପୋଷ୍ଟକୁ କହିଛନ୍ତି ଯେ କ୍ରମାଗତ ଭାବରେ ଯୁଦ୍ଧରେ ଜଡିତ ଇସ୍ରାଏଲର ପ୍ରଧାନମନ୍ତ୍ରୀ ହୋଇଥିବାରୁ ସେ ଅନେକ ଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇନଥିଲେ ।

## କେଜ୍ରିୱାଲଙ୍କ ବଡ଼ ଘୋଷଣା

# ଆପ୍ ଜିତିଲେ ମନ୍ଦିର ପୂଜକଙ୍କୁ ଦେବ ମାସିକ ୧୮ ହଜାର ଦରମା

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆପ୍ ସରକାର ଆରମ୍ଭ କରିଥିବା ମହିଳା ସମ୍ମାନ ଯୋଜନାକୁ ନେଇ ବିବାଦ ଥମି ନଥିବାବେଳେ ଆଉ ଏକ ବଡ଼ ଘୋଷଣା କରିଛନ୍ତି ଅରବିନ୍ଦ କେଜ୍ରିୱାଲ । ଆମ୍ ଆଦମୀ ପାର୍ଟି ସରକାରକୁ ଫେରିଲେ ଦିଲ୍ଲୀର ସମସ୍ତ ମନ୍ଦିର ପୂଜକ ଓ ଗୁରୁଦ୍ୱାର ଗ୍ରନ୍ଥିମାନଙ୍କୁ ମାସିକ ୧୮ ହଜାର ଟଙ୍କା ଲେଖାଏଁ ଦରମା ଦେବାକୁ ଘୋଷଣା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କେଜ୍ରିୱାଲ କହିଛନ୍ତି ଯେ, ପୂଜକ ଏବଂ ଗ୍ରନ୍ଥିମାନେ ଆମର ଧାର୍ମିକ ରୀତିନୀତିର ସଂରକ୍ଷକ ଅଟନ୍ତି । ଏମାନେ ସମାଜକୁ ନିଃସ୍ୱାର୍ଥପର ଭାବରେ ସେବା ପ୍ରଦାନ କରନ୍ତି। ହେଲେ ଦୁର୍ଭାଗ୍ୟଜନକ କଥା ହେଉଛି ସେମାନଙ୍କର ଆର୍ଥିକ ଅବସ୍ଥା ନେଇ କେହି କେବେ ଚିନ୍ତା କରୁନାହାନ୍ତି । ତେଣୁ ଆପ୍ ଶାସନକୁ ଫେରିଲେ ଏମାନଙ୍କୁ ମାସିକ ୧୮ ହଜାର ଟଙ୍କା ଲେଖାଏଁ ଦରମା ଦିଆଯିବ ବୋଲି ଘୋଷଣା କରିଛନ୍ତି କେଜ୍ରିୱାଲ । ଆସନ୍ତାକାଲି (୩୧ ଡିସେମ୍ବର)ଠାରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହେବ ବୋଲି କେଜ୍ରିୱାଲ କହିଛନ୍ତି । ସେ ନିଜେ ହନୁମାନ ମନ୍ଦିରରେ ଯାଇ ଏହାର ପଞ୍ଜିକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି କହିଛନ୍ତି । ପୂଜକ ଓ ଗ୍ରନ୍ଥିମାନଙ୍କ ଏହି ପଞ୍ଜିକରଣରେ



ବାଧା ସୃଷ୍ଟି ନକରିବା ପାଇଁ କେଜ୍ରିୱାଲ ଗଣମାଧ୍ୟମରେ ବିଜେପିକୁ ଅନୁରୋଧ କରିଛନ୍ତି । କେଜ୍ରିୱାଲ କହିଛନ୍ତି ଯେ ଏହାକୁ ବନ୍ଦ କରିବା ପାପ ସହିତ ସମାନ ହେବ, କାରଣ ଈଶ୍ୱରଙ୍କ ନିକଟକୁ ସେମାନେ ହିଁ ଆମର ରାସ୍ତା । ତେବେ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରିବାରେ ଲାଗିଛି ଆମ୍ ଆଦମୀ ପାର୍ଟି ସରକାର। ପ୍ରଥମେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ସଞ୍ଜିବନୀ ଯୋଜନା ଓ ମହିଳାଙ୍କ ପାଇଁ ମହିଳା ସମ୍ମାନ ଯୋଜନା ପରେ ଏବେ ପୂଜକମାନଙ୍କ ପାଇଁ ମାସିକ ଦରମା ଯୋଜନା ଘୋଷଣା ପରେ ତେଜିଛି ରାଜନୀତି । ଏହି ସାମ୍ବାଦିକ ସମ୍ମିଳନୀରେ ବାଂଲାଦେଶୀ ଅନୁପ୍ରବେଶକାରୀ ତଥା ରୋହିଙ୍ଗ୍ୟା ଭୋଟର ପ୍ରସଙ୍ଗରେ ବିଜେପିକୁ ଜୋରଦାର ଟାର୍ଗେଟ କରିଛନ୍ତି କେଜ୍ରିୱାଲ । କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ରବିବାର ଅଭିଯୋଗ କରିଥିଲେ ଯେ ବାଂଲାଦେଶୀ ରୋହିଙ୍ଗ୍ୟା ଭୋଟରଙ୍କ ଭୋଟ ପାଇଁ ଆପ୍ ସେମାନଙ୍କୁ ଦିଲ୍ଲୀରେ ବସାଇଛି । ଏ ପ୍ରସଙ୍ଗରେ କେଜ୍ରିୱାଲ କହିଛନ୍ତି ଯେ ଡ୍ରାମା କରିବା ବନ୍ଦ କରନ୍ତୁ ଓ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କୁ ଗିରଫ କରନ୍ତୁ । ଦିଲ୍ଲୀରେ କେଉଁଠାରେ ରୋହିଙ୍ଗ୍ୟାମାନଙ୍କୁ ଆଣି ରଖାଯାଇଛି, ସେ ସବୁ ତଥ୍ୟ ତାଙ୍କ ପାଖରେ ଅଛି । ଯଦି ଏତେ ସବୁ କଥା ବିଜେପି ଜାଣିଛି, ତାହାଲେ ସେମାନେ କାର୍ଯ୍ୟାନୁଷ୍ଠାନ କାହିଁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କେଜ୍ରିୱାଲ ।

## ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ ହୋଇଛି । ୧୦୦ ବର୍ଷ ବୟସରେ ସେ ନିଃଶ୍ୱାସ ତ୍ୟାଗ



କରିଛନ୍ତି । ଆମେରିକା ଇତିହାସରେ ସବୁଠୁ ଅଧିକ ବର୍ଷ ଯାଏ ଜୀବିତ ଥିବା ରାଷ୍ଟ୍ରପତି ଥିଲେ ଜିମି କାର୍ଟର । ମାତ୍ର ଦୀର୍ଘ ଦିନ ହେଲା ସେ ବୟସାଧୀକ ରୋଗ ସମେତ ମାରାତ୍ମକ ସ୍କିନ୍ କ୍ୟାନସର ରୋଗରେ ପୀଡ଼ିତ ଥିଲେ । ଗତ ଅକ୍ଟୋବରରେ ଜିମିଙ୍କ ୧୦୦ତମ ଜନ୍ମ ଦିବସ ପାଳନ କରାଯାଇଥିଲା । ସାରା ଦୁନିଆରେ ଗଣତନ୍ତ୍ର ଏବଂ ମାନବାଧିକାର ପାଇଁ ସ୍ୱର ଉଠାଉଥିବା କାର୍ଟର ସେଣ୍ଟର ଏହି ଦୁଃଖଦ ଖବର ଦେଇଛି ।

# ଅଡୁଆରେ ପ୍ରଶାନ୍ତ କିଶୋର

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍ସି) ଆଶାୟୀଙ୍କ ଦ୍ୱାରା ଜାରି ରହିଥିବା ବିକ୍ଷୋଭକୁ ସମର୍ଥନ କରି ଅଡୁଆରେ ପ୍ରଶାନ୍ତ କିଶୋର । ଗତକାଲି ଛାତ୍ର ଉତ୍ତେଜନା ପରେ ପାଟନାରେ ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ସମେତ ଦଳର ରାଜ୍ୟ ସଭାପତି ମନୋଜ ଭାରତୀ ଓ ଅନ୍ୟ ନେତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି । ପରୀକ୍ଷାର୍ଥୀଙ୍କୁ ରାଜରାସ୍ତାରେ ଆସି ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ପ୍ରଶାନ୍ତ କିଶୋରଙ୍କ ଉପରେ ଅନେକ ଗମ୍ଭୀର ଧାରା ଲାଗୁ କରିଛି ବିହାର ପୁଲିସ । କାଲିର ଉତ୍ତେଜନା ପାଇଁ ୬୦୦ରୁ ଅଧିକ ଅଜଣା ବିକ୍ଷୋଭକାରୀଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି । ପ୍ରଶାସନର ଅନୁମତି ନମିଳିବା ସତ୍ତ୍ୱେ ଗାନ୍ଧି ମଇଦାନରେ ଆସି ବିକ୍ଷୋଭ କରିବା ଓ ବିକ୍ଷୋଭକାରୀଙ୍କୁ ଉସୁକାଇବା ଅଭିଯୋଗରେ ପ୍ରଶାନ୍ତ କିଶୋର ଏବଂ ମନୋଜ ଭାରତୀଙ୍କ ବ୍ୟତୀତ ଏକ କୋଚିଂର ସଂଚାଳକ ରହମାଂସୁ ମିଶ୍ର, ନିଖିଲମଣି ତିୱାରୀ, ସୁଭାଷ କୁମାର ଠାକୁର, ଶୁଭମ ସ୍ନେହିଲ, ଆନନ୍ଦ ମିଶ୍ର, ରାକେଶ କୁମାର ମିଶ୍ର, ବିଷ୍ଣୁ କୁମାରଙ୍କ ସମେତ ମୋଟ ୨୧ ଜଣଙ୍କୁ ମାମଲାଭୁକ୍ତ କରିଛି ପୁଲିସ । ଉଲ୍ଲେଖଯୋଗ୍ୟ, ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍ସି)ର ଡିସେମ୍ବର ୧୩ରେ ହୋଇଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଶାୟୀମାନେ ପୁନଃ ପରୀକ୍ଷା ଦାବିରେ ଆନ୍ଦୋଳନ କରୁଛନ୍ତି । ଏକ ବିବୃତି ଜାରି କରି ବିହାର ପୁଲିସ କହିଛି ଯେ, ଗାନ୍ଧି ମଇଦାନରେ ରବିବାର ଏକ ଛାତ୍ର ଆନ୍ଦୋଳନର ଆୟୋଜନ ପାଇଁ ପ୍ରଶାନ୍ତ କିଶୋରଙ୍କ ଦଳ ପ୍ରଶାସନକୁ ଅନୁମତି ମାଗିଥିଲା । ହେଲେ ପ୍ରଶାସନ ଏହି ଅନୁମତି ଦେଇନଥିଲା। ଏହା ସତ୍ତ୍ୱେ ସେଠାରେ ଅନଧିକୃତ ଭାବେ ଛାତ୍ରଙ୍କୁ ମେଳି କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଇଥିଲା । ଗତକାଲି ଯଦିଓ ସକାଳୁ ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ପୁଲିସ ସେଠାରେ ସୁରକ୍ଷା ବ୍ୟବସ୍ଥା କରିଥିଲା, ସନ୍ଧ୍ୟା ସୁଦ୍ଧା ସ୍ଥିତି କିନ୍ତୁ ବିଗିଡି ଯାଇଥିଲା । ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱରେ ସମସ୍ତ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଆଗେଇଲେ ଏବଂ ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହା ପରେ ଆଶାୟୀମାନେ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ । ଛାତ୍ରମାନେ ସର୍ବସାଧାରଣ ଯାନବାହନ ଚଳାଚଳ ବନ୍ଦ କରି ରାସ୍ତା ଅବରୋଧ କରିଥିଲେ । ଏହା ପରେ ପୁଲିସ ସେମାନଙ୍କ ଉପରେ ଲାଠି ଚାର୍ଜ କରିବା ସହ ପାଣି ମାଡ଼ କରିଥିଲା ।

# ରାହୁଲଙ୍କ ଭିଏତନାମ ଟ୍ରିପକୁ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁ ଦେଶରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ଏହି ସମୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଭିଏତନାମ ଗସ୍ତ କରିଥିବା ବିଜେପି ଅଭିଯୋଗ କରିଛି । ଏହାକୁ ନେଇ କଂଗ୍ରେସ ଓ ବିଜେପି ମୁହାଁମୁହିଁ ହୋଇଛନ୍ତି । ଗୋଟିଏ ସୋସିଆଲ ମିଡିଆ ପୋଷ୍ଟରେ ବିଜେପି ଆଇଟି ସେଲ ମୁଖିଆ ଅମିତ ମାଲବ୍ୟ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗକୁ ନେଇ ରାଜନୀତି କରୁଛନ୍ତି । ମାଲବ୍ୟ କହିଛନ୍ତି, ଯେତେବେଳେ ପୂରା ଦେଶ ଡ ମନମୋହନ ସିଂହଙ୍କ ବିୟୋଗରେ ଶୋକ ପାଳନ କରୁଛି ସେତେବେଳେ ରାହୁଲ ଗାନ୍ଧି ନୂଆ ବର୍ଷ ପାଳନ କରିବା



ପାଇଁ ଭିଏତନାମ ଚାଲି ଯାଇଛନ୍ତି । ରାହୁଲ ଗାନ୍ଧି କେବଳ ଡ ସିଂହଙ୍କ ବିୟୋଗକୁ ରାଜନୀତିକ ରୂପ ଦେଉଛନ୍ତି । ତେବେ ଏହାର ଜବାବ କଂଗ୍ରେସ ପକ୍ଷରୁ ଦିଆଯାଇଛି । କଂଗ୍ରେସ ସାଂସଦ ମଣିକମ ଟାଗୋର କହିଛନ୍ତି, ଟେକ ଡାଇଭର୍ସନ ରାଜନୀତି ସଙ୍ଘିମାନେ କେବେ ବନ୍ଦ କରିବେ ? ମୋଦି ଯେଉଁ ଭଳି ଡ ସାହେବଙ୍କ ଅନ୍ତିମ ସଂସ୍କାର ପାଇଁ ଯମୁନା କୂଳରେ ସ୍ଥାନ ଦେଲେ ନାହିଁ ଓ ତାଙ୍କ ମନ୍ତ୍ରୀମାନେ ଯେଉଁଭଳି ଭାବେ ଡ ସାହେବଙ୍କ ପରିବାରକୁ କୋଣଠେସା କଲେ, ତାହା ଅତ୍ୟନ୍ତ ଲଜ୍ଜାଜନକ । ଯଦି ରାହୁଲ ଗାନ୍ଧି ବ୍ୟକ୍ତିଗତ ଭାବେ ଯାତ୍ରା କଲେ, ତା'ହେଲେ ଆପଣଙ୍କର କ'ଣ ସମସ୍ୟା ହେଉଛି ? ନବ ବର୍ଷରେ ସୁସ୍ଥ ହୋଇଯାଅ । ମନମୋହନ ସିଂହଙ୍କ ଅସ୍ଥିକୁ ସଂଗ୍ରହ ପାଇଁ ଗାନ୍ଧି ପରିବାରର କେହି ଉପସ୍ଥିତ ନଥିବାରୁ ଦିନକ ତଳେ ବିଜେପି ଏହା ଉପରେ ପ୍ରଶ୍ନ ଉଠାଇଥିଲା । ପରିବାର ଲୋକଙ୍କ ଗୋପନୀୟତାକୁ ସମ୍ମାନ ଜଣାଇ ଗାନ୍ଧି ପରିବାରର କୌଣସି ସଦସ୍ୟ ସେଠାରେ ଉପସ୍ଥିତ ନଥିବା କଂଗ୍ରେସ କହିଥିଲା। ଏଥିସହ ଶ୍ରୀ ସିଂହଙ୍କ ପରିବାର ଲୋକଙ୍କ ସହ ମଧ୍ୟ କଂଗ୍ରେସର ନେତାମାନେ ଏ ସମ୍ପର୍କରେ କଥା ହୋଇଥିବା ଦଳ ପକ୍ଷରୁ କୁହାଯାଇଥିଲା । ତଥାପି ଏହାକୁ ପ୍ରସଙ୍ଗ କରି ବିଜେପି ଗାନ୍ଧି ପରିବାରକୁ ଘେରିବାରେ ଲାଗିଛି ।

# ସୀମା ଶୁଳ୍କ ବିଭାଗକୁ ଯାତ୍ରୀଙ୍କ ତଥ୍ୟ ଦେବେ ଏୟାରଲାଇନ୍

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଆସନ୍ତା ବର୍ଷ ଏପ୍ରିଲରୁ ଏକ ନୂଆ ନିୟମ ଲାଗୁ ହେବାକୁ ଯାଉଛି । ଏଥିରେ ଏୟାରଲାଇନଗୁଡ଼ିକ ବାଧ୍ୟତାମୂଳକ ଭାବେ ସେମାନଙ୍କ ଅନ୍ତର୍ଜାତୀୟ ଯାତ୍ରୀଙ୍କ ତଥ୍ୟ ସୀମା ଶୁଳ୍କ ବିଭାଗକୁ ଦେବେ । ନିୟମରେ ଖିଲାପ କଲେ ସେମାନଙ୍କୁ ପ୍ରତି ଥର ଲାଗି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡ଼ିବ। ଏଥିପାଇଁ ୨୦୨୫ ଜାନୁଆରୀ ୧୦ ସୁଦ୍ଧା ଭାରତରୁ ଓ ଭାରତକୁ ବିମାନ ସେବା ଯୋଗାଉଥିବା ସମସ୍ତ ଏୟାରଲାଇନକୁ ନ୍ୟାସନାଲ୍ କଷ୍ଟମ୍ସ ଟାର୍ଗେଟିଂ ସେଣ୍ଟର-ପାସେଞ୍ଜରରେ ପଞ୍ଜୀକରଣ କରିବାକୁ କୁହାଯାଇଛି । ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଭରିବାର ୨୪ ଘଣ୍ଟା ଭିତରେ ସେଥିରେ ଥିବା ଅନ୍ତର୍ଜାତୀୟ ଯାତ୍ରୀଙ୍କ ମୋବାଇଲ୍ ନମ୍ବର, ଇମେଲ୍ ଠିକଣା, ଟ୍ରାଭେଲ ଏଜେନ୍ସି ନାମ, ବ୍ୟାଗ୍ ବିବରଣୀ, ପେମେଣ୍ଟ ମାଧ୍ୟମ ଓ ଯାତ୍ରା ସାରଣୀ ଦାଖଲ କରିବେ । ସେହି ତଥ୍ୟ ଜରିଆରେ ଯାତ୍ରୀଙ୍କ ତରଫରୁ ଥିବା ବିପଦକୁ ସୀମା ଶୁଳ୍କ ବିଭାଗ ଅନୁଶୀଳନ କରିପାରିବ । ଏହି ନୂଆ ବ୍ୟବସ୍ଥାରେ ଯୋଡ଼ିହେବା ଲାଗି କେତେକ ଏୟାରଲାଇନ୍ ଆଗ୍ରହ ପ୍ରକାଶ କରିଥିବାରୁ ପରୀକ୍ଷାମୂଳକ ଭାବେ ତାହା ଆରମ୍ଭ କରିବାକୁ କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଯୋଜନା ରଖିଛି ।

## ଟି-୨୦ କ୍ରିକେଟର ଅଫ ଦ ଇୟର ଆୱାର୍ଡ

# ତାଲିକାରେ ଭାରତରୁ ଅର୍ଶଦୀପ ସିଂ




ନୂଆଦିଲ୍ଲୀ,୩୧।୧୨: ୨୦୨୪ ବର୍ଷ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା ଏହା ଟିମ ଇଣ୍ଡିଆ ପାଇଁ ମଧ୍ୟ ସ୍ୱତନ୍ତ୍ର ଥିଲା କାରଣ ଭାରତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଟାଇଟଲ ଜିତିଛି। ଯାହାର ଫାଇନାଲ ମ୍ୟାଚ ୯ଜୁନ ରେ ଖେଳାଯାଇଥିଲା।ବର୍ତ୍ତମାନ ବର୍ଷ ଶେଷ ହେବା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ସ୍ୱତନ୍ତ୍ର ତାଲିକା ପ୍ରକାଶ କରିଛି । ଯେଉଁଥିରେ ପାକିସ୍ତାନର ବାବର ଆଜାମ, ଅଷ୍ଟ୍ରେଲିଆର ଟ୍ରାଭିସ ହେଡ, ଜିମ୍ବାୱେର ସିକନ୍ଦର ରଜା ଏବଂ ଭାରତର ଅର୍ଶଦୀପ ସିଂ ଅନ୍ତର୍ଭୁକ୍ତ।ଏହି ଚାରି ଖେଳାଳିଙ୍କ ନାମ ଆଇସିସି ପୁରୁଷ ଟି -୨୦ ଆନ୍ତର୍ଜାତୀୟ କ୍ରିକେଟର ଅଫ ଦି ଇୟର ଟାଇଟଲ ପାଇଁ ରେସ୍‌ରେ ଅଛି ଯାହା ପାଇଁ ଭୋଟ ଚାଲିଛି ।

**ବାବର ଆଜାମ (ପାକିସ୍ତାନ):**

୨୦୨୪ରେ ପାକିସ୍ତାନ ଅଧିନାୟକ ବାବର ଆଜାମ ୭୩୮ ରନ ସ୍କୋର କରି ଦଳର ରେକର୍ଡ କରିଥିଲେ ସେ ୨୪ଟି ମ୍ୟାଚରେ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଆୟର୍ଲାଣ୍ଡ ଗସ୍ତରେ ତାଙ୍କର ୭୫ ରନ ଇନିଂସ ପାରି କରିଥିଲେ, ଯେଉଁଥିରେ ସେ ୧୭୮.୫୭ ଷ୍ଟ୍ରାଇକ ହାରରେ ସ୍କୋର କରିଥିଲେ।

**ଟ୍ରାଭିସ ହେଡ (ଅଷ୍ଟ୍ରେଲିଆ):**

ଅଷ୍ଟ୍ରେଲିଆର ଟ୍ରାଭିସ ହେଡ ୨୦୨୪ରେ ଟି -୨୦ କ୍ରିକେଟରେ ନିଜର ବ୍ୟାଟିଂ ଦକ୍ଷତା ପ୍ରଦର୍ଶନ କରିଥିଲେ ସେ ୧୭୮.୪୭ର ଷ୍ଟ୍ରାଇକ ହାରରେ ୧୫ ମ୍ୟାଚରେ ୫୩୯ ରନ ସ୍କୋର କରିଥିଲେ। ଯେଉଁଥିରେ ଚାରି ଅର୍ଦ୍ଧ ଶତାବ୍ଦୀ ଅନ୍ତର୍ଭୁକ୍ତ। ଇଂଲଣ୍ଡ ବିପକ୍ଷରେ ୫୯ ରନର ଇନିଂସ ଚଳିତ ବର୍ଷ ସବୁଠାରୁ ଆକ୍ରମଣାତ୍ମକ ଇନିଂସ ମଧ୍ୟରୁ ଅନ୍ୟତମ।

**ସିକନ୍ଦର ରଜା (ଜିମ୍ବାୱେ):**

ଜିମ୍ବାୱେର ଅଲରାଉଣ୍ଡର ସିକନ୍ଦର ରଜା ତାଙ୍କ ଦଳକୁ ଅନେକ ସ୍ମରଣୀୟ ବିଜୟ ପାଇଁ ଆଗେଇ ନେଇଥିଲେ। ୨୦୨୪ରେ ସେ ୧୪୬.୫୪ ଷ୍ଟ୍ରାଇକ ହାରରେ ୫୭୩ ରନ ସଂଗ୍ରହ କରିଥିଲେ ଏବଂ ବୋଲିଂ ହାରାହାରି ୨୨.୨୫ ରେ ୨୪ ଉଇକେଟ୍ ନେଇଥିଲେ।

**ଅର୍ଶଦୀପ ସିଂ (ଭାରତ):**


୨୦୨୪ରେ ଭାରତର ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂ କ୍ରିକେଟ ପ୍ରେମୀଙ୍କୁ ପ୍ରଭାବିତ କରିଥିଲେ। ୨୦୨୪ରେ ସେ ୧୮ ଟି ମ୍ୟାଚରେ ହାରାହାରି ୧୩.୫ ହାରାହାରିରେ ୩୬ ଉଇକେଟ୍ ନେଇଥିଲେ। ବିଶେଷ କରି ଟି -୨୦ ବିଶ୍ୱକପ ୨୦୨୪ ଫାଇନାଲରେ ତାଙ୍କର ସାଂଘାତିକ ବୋଲିଂ ଦ୍ୱିତୀୟ ଥର ପାଇଁ ଭାରତ ଟାଇଟଲ ଜିତିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

## ବୁମ୍ରାଙ୍କୁ ବଡ଼ ସମ୍ମାନ

ମେଲବୋର୍ଣ୍ଣ,୩୧।୧୨: ଅଷ୍ଟ୍ରେଲିଆ ମିଡିଆ .. ପକ୍ଷରୁ ବର୍ଷର ଶେଷ ଦିନରେ ୨୦୨୪ର ଶ୍ରେଷ୍ଠ ଏକାଦଶ ଚୟନ କରାଯାଇଛି ।ବର୍ଷ ତମାମର ପ୍ରଦର୍ଶନ ଆଧାରରେ ବିଶ୍ୱର ବିଭିନ୍ନ ଖେଳାଳିଙ୍କୁ ନେଇ ଏପରି ଟିମ ଗଠନ କରାଯାଇଛି।

ଶ୍ରେଷ୍ଠ ଏକାଦଶରେ ଇନଫର୍ମ ଟ୍ରାଭିସ ହେଡ୍‌କୁ ରଖିନାହିଁ ଟିମରେ ଇଂଲଣ୍ଡର ସର୍ବାଧିକ ୩ ଜଣ ଖେଳାଳି ରହିଥିବା ବେଳେ ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଓ ଭାରତରୁ ୨ ଜଣ ଲେଖାଏ ଖେଳାଳି ରହିଛନ୍ତି ସେହିପରି ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକାର ଜଣେ ଲେଖାଏ ଖେଳାଳି ଦଳରେ ରହିଛନ୍ତି ।

ଅଷ୍ଟ୍ରେଲିଆ ମିଡିଆର ଶ୍ରେଷ୍ଠ ଏକାଦଶ: ଯଶସ୍ୱୀ ଜୈସାଲ(ଭାରତ), ବେନ ଡକେଟ(ଇଂଲଣ୍ଡ), ଜୋ ରୁଟ(ଇଂଲଣ୍ଡ), ରଚିନ ରବୀନ୍ଦ୍ର (ନ୍ୟୁଜିଲ୍ୟାଣ୍ଡ), ହ୍ୟାରି ବ୍ରୁକ (ଇଂଲଣ୍ଡ), କାମିନ୍ଦୁ ମେଣ୍ଡିସ(ଶ୍ରୀଲଙ୍କା), ଆଲେକ୍ସ କେରୀ(ୱିକେଟ କିପର, ଅଷ୍ଟ୍ରେଲିଆ), ମ୍ୟାଟ ହେନରୀ(ନ୍ୟୁଜିଲ୍ୟାଣ୍ଡ), ଯଶପ୍ରୀତ ବୁମ୍ରା(ଭାରତ, ଅଧିନାୟକ), ଜୋଶ ହାଜେଲଉଡ(ଅଷ୍ଟ୍ରେଲିଆ) ଓ କେଶବ ମହାରାଜ(ଦକ୍ଷିଣ ଆଫ୍ରିକା)।



**ନବବର୍ଷ ଶୁଭେଚ୍ଛା**

ଇଂରାଜୀ ନବବର୍ଷ ୨୦୨୫ ଅବସରରେ ଜୟପାଟଣା ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ। ଏହି ବର୍ଷ ସମସ୍ତଙ୍କୁ ପାଇଁ ସୁଖ ସମୃଦ୍ଧି ଆଣୁ, ଏହା ମୋର ଈଶ୍ୱରଙ୍କ ପାଖରେ କାମନା।



**ଶ୍ରୀଯୁକ୍ତ ଶେଷଦେବ ବେହେରା**
ଭାରପ୍ରାପ୍ତ ଥାନା ଅଧିକାରୀ,
ଜୟପାଟଣା ଥାନା, କଳାହାଣ୍ଡି

# 'କିଙ୍ଗ ମରିଯାଇଛି, ଅଷ୍ଟ୍ରେଲିଆ ଖୁସି'

ନୂଆଦିଲ୍ଲୀ,୩୦୧୨:ଭାରତୀୟ ଟିମ୍‌ର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଏବେ କ୍ରିକେଟ ବିଶେଷଜ୍ଞଙ୍କ ସମେତ ପ୍ରଶଂସକଙ୍କ ଟାର୍ଗେଟରେ ଅଛନ୍ତି। ମେଲବୋର୍ନ ଟେଷ୍ଟ ମୁକାବିଲାରେ କୋହଲି ବ୍ୟାଟିଂରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଦଳର ଆବଶ୍ୟକତା ସମୟରେ ମଧ୍ୟ ସେ ବିଫଳ ରହିଥିଲେ। ଏବେ ତାଙ୍କୁ ନେଇ ଅଷ୍ଟ୍ରେଲିୟ ଭେଟେରାନ ବଡ଼ ବୟାନ ଦେଇ କହିଛନ୍ତି ଯେ କିଙ୍ଗ ଏବେ ମରିଯାଇଛି, ଏଥିପାଇଁ ଅଷ୍ଟ୍ରେଲିଆ ବେଶ ଖୁସି ଅଛି।





କୋହଲି ମେଲବୋର୍ନ ଟେଷ୍ଟର ପ୍ରଥମ ଇନିଂସରେ ୩୬ ଏବଂ ଦ୍ୱିତୀୟରେ ୫ ରନ୍ କରିଥିଲେ। ସେ ଉଇକେଟ ହରାଇ ପ୍ୟାଭିଲିୟନ ଫେରୁଥିବା ବେଳେ ସାଇମନ କଟିଚ୍ କମେଣ୍ଟ୍ରି କରୁଥିଲେ। ସେ କୋହଲିଙ୍କ ଉଦ୍ଦେଶ୍ୟରେ ରହିଥିଲେ ଯେ କିଙ୍ଗ ମରି ଯାଇଛି ତାଙ୍କୁ ବଡ଼ ଇନିଂସ ଖେଳିବାର ଥିଲା। ହେଲେ ସେ ତାହା କରିପାରିନାହାନ୍ତି। ଅଷ୍ଟ୍ରେଲିଆ ଏବେ ନିଜକୁ ଯେଉଁ ସ୍ଥିତିରେ ଦେଖୁଛି ସେ ବହୁତ ଖୁସି ଅଛି ବୋଲି ସେ କହିଥିଲେ।

କୋହଲି ଏହି ସିରିଜର ୪ ମ୍ୟାଚ୍‌ର ୭ ଇନିଂସ ଖେଳିଛନ୍ତି। ଏଥିରେ ସେ ୧୬୭ ରନ୍ କରିଛନ୍ତି, ଯେଉଁଥିରେ ଏକ ଶତକ ସାମିଲ ଅଛି। ପର୍ଥ ଟେଷ୍ଟ ମ୍ୟାଚ୍‌ରେ ଶତକ ବ୍ୟତିତ କୋହଲି ଅଧିକାଂଶ ସମୟ ସଂଘର୍ଷ କରୁଥିବା ନଜର ଆସିଛନ୍ତି।କାରଣ ବାକି ୬ ଇନିଂସରେ ସେ ମାତ୍ର ୬୭ ରନ କରିଛନ୍ତି। ସେ ଏହି ସିରିଜ ପୂର୍ବରୁ ମ୍ୟାଚ୍‌ରେ ଏଯାବତ ୫,୧୦୦,୭,୧୧,୩,୩୬,୫ ରନ୍‌ର ଇନିଂସ ଖେଳିଛନ୍ତି। ଏସବୁ ମଧ୍ୟରେ ଭାରତର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କୋହଲିଙ୍କ ସମର୍ଥନରେ ଓହ୍ଲାଇଛନ୍ତି ସେ ଆଉ ୩-୪ ବର୍ଷ ଖେଳିବେ ବୋଲି ସେ କହିଛନ୍ତି।

## ଲିଜେଣ୍ଡାରି କପ୍ କ୍ରିକେଟ ଉଦ୍‌ଯାପିତ

ଭଦ୍ରକ: ଭଦ୍ରକ ଜିଲ୍ଲା ଆଗରପଡା ଦମ୍‌ଦମ୍ ପଡିଆ ଠାରେ ଦ୍ୱିତିୟ ବାର୍ଷିକ ଲିଜେଣ୍ଡାରି କପ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଂଟର ଫାଇନାଲ୍ ଖେଳରେ ଆଗରପଡାର ବି.ଏବଂ ଡି. ମଧ୍ୟରେ ହୋଇଥିବା ବେଳେ ଟସ୍ ଜିଣି ଡି. ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୮୦ ରନ୍ କରିଥିଲା । ଜବାବରେ ବି. କ୍ଲବ୍ ୯ ଓଭରରେ ୭ ଗୋଟି ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚମ୍ପିୟାନ ହୋଇଥିଲା। ଏହି ଅବସରରେ ଚମ୍ପିୟାନ୍ ଓ ରର୍ନ୍‌ସ୍‌ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜିତେନ୍ଦ୍ର ମଲ୍ଲିକ ଏବ ମଙ୍ଗୁଲ କୁମାର ଅମ୍ପାରିଂ କରିଥିବା ବେଳେ ସ୍କୋରରରେ ସତ୍ୟବ୍ରତ ତ୍ରିପାଠୀ ଦ୍ୱାୟିତ୍ୱ ତୁଲାଇଥିଲେ ।

# ଇଂଲଣ୍ଡ ବିପକ୍ଷ ଦିନକିଆ ଖେଳିବେନି ରୋହିତ ଓ ବିରାଟ !

ନୂଆଦିଲ୍ଲୀ: ସଂପ୍ରତି ଭାରତୀୟ ଦଳ ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୨୪-୨୫ ଖେଳୁଛି। ଏହି ସିରିଜ୍ ପରେ ଦଳ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଖେଳିବ। ତେବେ ଦିନିକିଆ ସିରିଜ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହା ଅନୁଯାୟୀ, ରୋହିତ ଶର୍ମା ଓ ବିରାଟ କୋହଲି ଉକ୍ତ ଦିନିକିଆ ସିରିଜ୍ ଖେଳିବେ ନାହିଁ। ରୋହିତ-ବିରାଟଙ୍କ ବ୍ୟତୀତ ଯଶପ୍ରୀତ ବୁମରା ମଧ୍ୟ ଏହି ସିରିଜ୍‌ର ଅଂଶ ହେବେ ନାହିଁ।



ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଭାରତ ପାଇଁ ଚମ୍ପିଅନ୍ସ ଟ୍ରଫି ପୂର୍ବରୁ ଶେଷ ଦିନିଆ ସିରିଜ୍ ହେବ। ଏଥିରେ ଖେଳାଳିଙ୍କୁ ଦିନିକିଆ ଫର୍ମାଟ୍‌ରେ ନିଜକୁ ପରଖିବା ଓ ଅଭ୍ୟାସ୍ ପାଇଁ ସୁଯୋଗ ମିଳିବ। ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ୍ ଜାନୁଆରୀ ୨୨ରୁ ଆରମ୍ଭ ହେବ। ପ୍ରଥମେ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳାଯିବ। ପୁଣି ଫେବୃଆରୀ ୬ରୁ ଦିନିକିଆ ସିରିଜ୍ ଖେଳାଯିବ। ରୋହିତ ଓ କୋହଲି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇ ସାରିଛନ୍ତି ତେଣୁ ଦୁଇ ଖେଳାଳିଙ୍କୁ ଦିନିକିଆ ଦଳରେ ଦେଖିବାକୁ ମିଳିପାରେ।

ତେବେ ସ୍ପୋର୍ଟ୍ସତକରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ ବୁମରା କାର୍ଯ୍ୟଭାର ପ୍ରବନ୍ଧନ ଯୋଗୁଁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଖେଳିବେ ନାହିଁ। ବୁମରା ଟି-୨୦ ସିରିଜ୍ ବି ଖେଳିବେ ନାହିଁ। ତେବେ ଏହାକୁ ନେଇ ଆନୁଷ୍ଠାନିକ ସୂଚନା ଦିଆଯାଇନାହିଁ। କିନ୍ତୁ ଆଶା କରାଯାଉଛି ଯେ, ଏହି ତିନି ବରିଷ୍ଠ ଖେଳାଳିଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଖେଳି ଚମ୍ପିଅନ୍ସ ଟ୍ରଫିର ପ୍ରସ୍ତୁତି କରିବେ।

ଉଲ୍ଲେଖନୀୟ ଫେବୃଆରୀ ୧୯ରୁ ଚମ୍ପିଅନ୍ସ ଟ୍ରଫି ଆରମ୍ଭ ହେବ। ଅନ୍ୟପଟେ ଭାରତର ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଫେବୃଆରୀ ୧୨ରେ ସରିବ। ଏହା ପରେ ତୁରନ୍ତ ଭାରତୀୟ ଦଳ ଚମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇ ଅଭିମୁଖେ ଯାତ୍ରା କରିବେ। ଭାରତ ନିଜର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଦୁବାଇରେ ଖେଳିବ। ଯଦି ଦଳ ସେମି ଫାଇନାଲ୍ ଓ ଫାଇନାଲ୍‌ରେ ପହଞ୍ଚେ ତେବେ ମ୍ୟାଚ୍ ଦୁବାଇରେ ଖେଳାଯିବ।

# ୨୦୨୫ରେ ଇଂଲଣ୍ଡ ଦଳ ବିପକ୍ଷରେ ଖେଳିବ ଟେଷ୍ଟ ସିରିଜ୍

ନୂଆଦିଲ୍ଲୀ,୩୧।୧୨: ଚଳିତ ବର୍ଷ ଭାରତୀୟ କ୍ରିକେଟ ଦଳର ପ୍ରଦର୍ଶନ ମିଶ୍ରିତ ହୋଇଥିଲା। ପ୍ରାୟ ୧୭ ବର୍ଷ ପରେ ଭାରତୀୟ ଦଳ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା, କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟର ସମ୍ମୁଖୀନ ହୋଇଥିଲା। ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ଭାରତୀୟ ଦଳକୁ ୩-୦ରେ ପରାସ୍ତ କରିଛି। ଭାରତୀୟ ଦଳ ପ୍ରାୟ ୧୨ ବର୍ଷ ପରେ ନିଜ ମାଟିରେ ଏକ ଟେଷ୍ଟ ସିରିଜରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ବର୍ତ୍ତମାନ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଟିମ ଇଣ୍ଡିଆ ୨-୧ରେ ଆଗୁଆ ରହିଛି।

କେଉଁ ଦଳ ବିରୋଧରେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ରେ ଭାରତ ଟେଷ୍ଟ ସିରିଜ ଖେଳିବ ? ଭାରତ ନୂଆ ବର୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଟେଷ୍ଟ ଜାନୁଆରୀ ୩ରୁ ସିଡନୀରେ ଖେଳାଯିବ। ଯଦି ଭାରତୀୟ ଦଳ ବିଶ୍ ଟେଷ୍ଟ ଚମ୍ପିୟନଶିପ ଫାଇନାଲରେ ପହଞ୍ଚିବା ପାଇଁ ଆଉ ଗୋଟିଏ ଟେଷ୍ଟ ଖେଳିବାର ସୁଯୋଗ ପାଇବ। ଏହା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯିବ। ଟିମ ଇଣ୍ଡିଆ ଏହି ଭ୍ରମଣରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ।

ଇଂଲଣ୍ଡ ଗସ୍ତରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଏକ ୨ ଟେଷ୍ଟ ସିରିଜ ଖେଳାଯିବ। ଦୁଇ ଦଳ ମଧ୍ୟରେ ଏହି ଟେଷ୍ଟ ସିରିଜ ଭାରତୀୟ ମାଟିରେ ଖେଳାଯିବ। ଏହା ପରେ ଭାରତୀୟ ଦଳ ଆଉ ଏକ ଘରୋଇ ସିରିଜ ଖେଳିବ। ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତ କରିବାକୁ ଆସିବେ। ଏହି ଗସ୍ତରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦଳ ୨ଟି ଟେଷ୍ଟ ମ୍ୟାଚ ସିରିଜ ଖେଳିବେ। ଏହିପରି ଭାବରେ ୨୦୨୫ରେ ଭାରତୀୟ ଦଳ ମୋଟ ୧୦ଟି ଟେଷ୍ଟ ଖେଳିବ, କିନ୍ତୁ ଯଦି କୌଣସି ପ୍ରକାରେ ଟିମ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚମ୍ପିଅନସିପ ଫାଇନାଲରେ ପହଞ୍ଚିବ, ତେବେ ଏହି ସଂଖ୍ୟା ୧୧ ହେବ।

# ଲଜ୍ଜାଜନକ ରେକର୍ଡ ହାସଲ କଲେ ରୋହିତ

ମେଲବୋର୍ନ,୩୧୧୨: ମେଲବୋର୍ନ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୪ ରନ ବ୍ୟବଧାନରେ ଭାରତକୁ ପରାସ୍ତ କରିଛି ଏହି ପରାଜୟ ପରେ ରୋହିତ ଶର୍ମାଙ୍କ ଅଧିନାୟକ୍ ଏବଂ ବ୍ୟାଟିଂ ଉପରେ ପ୍ରଶ୍ନ ଉଠିଛି ଏଥି ସହିତ ମେଲବୋର୍ନରେ ପରାଜୟ ପରେ ରୋହିତଙ୍କ ଏକ ଲଜ୍ଜାଜନକ ତଥା ଅଲୋଡା ରେକର୍ଡ ପଞ୍ଜିକୃତ ହୋଇଛି। ରୋହିତଙ୍କ ଅଧିନାୟକତ୍ୱରେ ଚଳିତ ବର୍ଷ ଭାରତୀୟ ଦଳକୁ ଟେଷ୍ଟ ଫର୍ମାଟରେ ଷଷ୍ଠ ଥର ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଏହିପରି ଭାବରେ ରୋହିତ ଭାରତୀୟ ଅଧିନାୟକ ହୋଇପାରିଛନ୍ତି, ଯିଏ ଗୋଟିଏ ବର୍ଷ ମଧ୍ୟରେ ସର୍ବାଧିକ ଟେଷ୍ଟ ହାରିଛନ୍ତି।ପୂର୍ବରୁ ଏହି ଅଲୋଡା ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ଥିଲା, କିନ୍ତୁ ବର୍ତ୍ତମାନ ରୋହିତ ମାଷ୍ଟର ବ୍ଲାଷ୍ଟରକୁ ଛାଡିଛନ୍ତି। ଏହାପୂର୍ବରୁ ୧୯୯୯-୨୦୦୦ରେ ସଚିନ ତେନ୍ଦୁଲକରଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳକୁ ୫ଟି ଟେଷ୍ଟ ମ୍ୟାଚରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ଟିମ ଇଣ୍ଡିଆକୁ ନିଜ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩-୦ ଗୋଲରେ ପରାସ୍ତ କରିବାକୁ ପଡିଥିଲା। ଏହିପରି, ଭାରତୀୟ ଦଳ ପ୍ରାୟ ୧୨ ବର୍ଷ ପରେ ନିଜ ମାଟିରେ ଟେଷ୍ଟ ମ୍ୟାଚରେ ହାରିଗଲା। ଏଥି ସହିତ ବର୍ତ୍ତମାନର ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟି ଟେଷ୍ଟରେ ହାରିଛି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଦଳ ଚଳିତ ବର୍ଷ ଆରମ୍ଭରେ ଇଂଲଣ୍ଡ ବିପକ୍ଷରେ ହାରି ଯାଇଥିଲା।

# ବଢୁଛି ରୋହିତ ଶର୍ମାଙ୍କ ଅଡୁଆ

ନୂଆଦିଲ୍ଲୀ,୩୧।୨: ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। କ୍ୟାପ୍ଟେନ୍ସିରେ ମଧ୍ୟ ତାଙ୍କର ପୁରୁଣା ଚମକ ନାହିଁ।ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଘରୋଇ ସିରିଜରେ ଫ୍ଲପ ହେବା ପରେ ରୋହିତ ଶର୍ମା ବର୍ଡର-ଗାଭାସ୍କର ଟ୍ରଫିରେ ମଧ୍ୟ କ୍ରମାଗତ ଭାବେ ଫେଲ ମାରିବାରେ ଲାଗିଛନ୍ତି। ଟି-୨୦ ବିଶ୍ୱକପ ଜିତିବା ପରେ ରୋହିତ ଏହି ଫର୍ମାଟକୁ ଅଲବିଦା କହିଥିଲେ। ସେ କେବଳ ଦିନିକିଆ ଓ ଟେଷ୍ଟ ଖେଳୁଛନ୍ତି। କିନ୍ତୁ ଟେଷ୍ଟରେ ରୋହିତଙ୍କ ସେହି ଜଲୱା ନାହିଁ। ପିଙ୍କ ବଲ ଟେଷ୍ଟରେ ଭାରତ ହାରିଥିବା ବେଳେ ଗାବାରେ କଷ୍ଟମଷ୍ଟେ ମ୍ୟାଚ୍ ଡ୍ର ହୋଇଥିଲା। ଆଜି ମେଲବର୍ଣ୍ଣ ଟେଷ୍ଟରେ ଭାରତ ୧୮୪ ରନରେ ଅଷ୍ଟ୍ରେଲିଆ ଠାରୁ ହାରିଛି। ଏହି ପରାଜୟ ଭାରତୀୟଙ୍କୁ ବେଶ ବାଧିଛି। ମେଲବର୍ଣ୍ଣରେ ବୋଲରମାନେ ଭାରତକୁ କମବ୍ୟାକର ସୁଯୋଗ ଦେଇଥିଲେ। କିନ୍ତୁ ବ୍ୟାଟରମାନେ ପୁଣିଥରେ ସମସ୍ତଙ୍କୁ ନିରାଶ କରିଛନ୍ତି। ପ୍ରଥମ ଇନିଂସରେ ଫେଲ ମାରିଥିବା ରୋହିତ ଦ୍ୱିତୀୟ ଇନିଂସରେ ୪୦ ବଲରେ ସମ୍ମୁଖୀନ ହୋଇଥିଲେ ।କିନ୍ତୁ ସେ କେବଳ ୯ ରନ କରିବାକୁ ସକ୍ଷମ ହୋଇଛନ୍ତି।

ଅଷ୍ଟ୍ରେଲିଆରେ ବର୍ଡର ଗାଭାସ୍କର ଟ୍ରଫି ଖେଳିବାକୁ ଆସିବା ପୂର୍ବରୁ ଭାରତ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରିଥିଲା ଏହି ସିରିଜରେ ରୋହିତ ୬ଟି ଇନିଂସରେ ମାତ୍ର ୯୧ ରନ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର କେବଳ ୫୨ ରନ ରହିଥିଲା। ସେହିପରି ତାଙ୍କ କ୍ୟାପ୍ଟେନ୍ସି ଉପରେ ମଧ୍ୟ କ୍ରିକେଟ ପଣ୍ଡିତମାନେ ପ୍ରଶ୍ନ ଉଠାଇଥିଲେ।

ନ୍ୟୁଜିଲ୍ୟାଣ୍ଡ ଠାରୁ ଭାରତ ହାରିଥିଲେ ହେଁ ନୂଆ ଆଶା ନେଇ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ପ୍ରଥମ ଟେଷ୍ଟରେ ରୋହିତ ନଥିବାରୁ ଯଶପ୍ରୀତ ବୁମ୍ରା ଦଳର କମାଣ ସମ୍ଭାଳିଥିଲେ ଭାରତ ମଧ୍ୟ ଚମତ୍କାର ଢଙ୍ଗରେ ଅଷ୍ଟ୍ରେଲିଆକୁ ମାତ ଦେଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ରୋହିତ ଫେରିବା ସହ ଭାରତର ଅଧିନାୟକ ପଦ ପୁଣି ସମ୍ଭାଳିଥିଲେ। କିନ୍ତୁ ଭାରତର ପରାଜୟର ଧାରା ପିଙ୍କ ବଲ ଟେଷ୍ଟରୁ ଆରମ୍ଭ ହୋଇଥିଲା।



ବୁମରାଙ୍କ ସମୟରେ ଭାରତ ୫ ଟିକିଆ ଟେଷ୍ଟ ସିରିଜରେ ୧-୦ରେ ଆଗରେ ଥିଲା। କିନ୍ତୁ ୪ର୍ଥ ମ୍ୟାଚ୍ ଶେଷ ବେଳକୁ ସ୍ଥିତି କଙ୍ଗାରୁ ଟିମ ସପକ୍ଷରେ ୨-୧ ହୋଇଯାଇଛି। ରୋହିତ ୬ଟି ଇନିଂସରେ କେବଳ ୩୧ ରନ କରିଛନ୍ତି। ସେହିପରି ଟିମ ଚୟନକୁ ନେଇ ମଧ୍ୟ ରୋହିତ କାଠଗଡ଼ରେ ରହିଛନ୍ତ। ଅଷ୍ଟ୍ରେଲିଆ ମେଲବର୍ଣ୍ଣ ଟେଷ୍ଟରେ କମବ୍ୟାକ ପାଇଁ ସୁଯୋଗ ଦେଇଥିଲା। କିନ୍ତୁ ରୋହିତଙ୍କ ଖରାପ କ୍ୟାପ୍ଟେନ୍ସି ପାଇଁ ଏହାର ଫାଇଦା ଦଳ ଉଠାଇ ପାରି ନଥିଲା ବୋଲି ମଧ୍ୟ କୁହାଯାଉଛି।

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଏକଦା ୯୧ ରନରେ ୬ଟି ୱିକେଟ ହରାଇଥିଲା ତଥାପି ଦଳ ୨୩୪ ଯାଏ ଯାଇଥିଲା। କଙ୍ଗାରୁ ଟିମର ଲୋୟର ଅର୍ଡର ବ୍ୟାଟରମାନେ ସ୍କୋର କରିଥିବା ବେଳେ ରୋହିତ ପ୍ରଭାବୀ ଢଙ୍ଗରେ ସେମାନଙ୍କ ବିରୋଧରେ କୌଣସି ରଣନୀତି କରିପାରି ନଥିଲେ। ଆଟାକିଂ କ୍ରିକେଟ ବଦଳରେ ସେ ଡିଫେନ୍ସ ଉପରେ ବେଶୀ ଫୋକସ କରିଥିଲେ ଏଥିଯୋଗୁ ତାଙ୍କୁ କ୍ରିକେଟ ପଣ୍ଡିତଙ୍କ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଛି।

ରୋହିତ ଅଷ୍ଟ୍ରେଲିଆ ବିପକ୍ଷରେ ଏ ପର୍ଯ୍ୟନ୍ତ ଖେଳିଥିବା ୬ ଇନିଂସରେ ମାତ୍ର ୩୧ ରନ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆ ଟୁରରେ ତାଙ୍କ ବ୍ୟାଟିଂ ହାର ମାତ୍ର ୬ ରହିଛି। ଏହା କୌଣସି ଭ୍ରମଣକାରୀ ଅଧନାୟକଙ୍କ କ୍ଷେତ୍ରରେ ସବୁଠାରୁ କମ ରୋହିତ ଦଳର ଜଣେ ପ୍ରମୁଖ ସଦସ୍ୟ ଓ ଅଧିନାୟକ ତାଙ୍କର ଏପରି ପ୍ରଦର୍ଶନ କେବଳ ଦଳ ପାଇଁ କ୍ଷତିକାରକ ହେଉନାହିଁ, ବରଂ ସେ ଚୂଡ଼ାନ୍ତ ଏକାଦଶରେ ରହୁଥିବାରୁ ଅନେକ ଉଦୀୟମାନ ପ୍ରତିଭାବାନ ଖେଳାଳି ସାମ୍ନାକୁ ଆସି ପାରୁ ନଥିବା କ୍ରିକେଟ ପଣ୍ଡିତମାନେ ମତ ରଖିଛନ୍ତି ।

କୁହାଯାଉଛି ଯେ ରୋହିତ ଶର୍ମା ଟେଷ୍ଟରୁ ଅବସର ଘୋଷଣା କରିବାର ସମୟ ଆସି ଯାଇଛି। ଏହି ଚର୍ଚ୍ଚାକୁ ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ ରବି ଶାସ୍ତ୍ରୀ ମଧ୍ୟ ଖୋରାକ ଯୋଗାଇଛନ୍ତି। ରୋହିତଙ୍କ ଭଳି ବିରାଟ କୋହଲି ମଧ୍ୟ କ୍ରମାଗତ ଫେଲ ମାରି ଚାଲିଛନ୍ତି। ହେଲେ ସେ ଆହୁରି ୩ରୁ ୪ ବର୍ଷ ଖେଳିବେ ବୋଲି ଶାସ୍ତ୍ରୀ ଆଶା ରଖିଛନ୍ତି ପର୍ଥ ଟେଷ୍ଟରେ ବିରାଟ ଶତକ ମାରି ନିଜ ସମାଲୋଚକଙ୍କ ମୁହଁ ବନ୍ଦ କରିଥିଲେ।

ଶାସ୍ତ୍ରୀ କହିଛନ୍ତି, ମୁଁ ଭାବୁଛି ବିରାଟ ଆହୁରି କିଛି ବର୍ଷ ଖେଳିବେ ।।।ସେ ଏବେ ଯେଉଁଭଳି ଆଉଟ ହେଉଛନ୍ତି, ସେକଥା ଭୁଲି ଯାଅନ୍ତୁ। ମୁଁ ଭାବୁଛି ସେ ଆହୁରି ୩ରୁ ୪ ବର୍ଷ ଖେଳିବେ।।। ରୋହିତଙ୍କ କଥା ବିଚାରକୁ ନେଲେ, ନିଷ୍ପତ୍ତି ନେବାର ସମୟ ଆସି ଯାଇଛି ଟପ ଅର୍ଡର ଫୁଟର୍କର ଗୁରତ୍ୱପରହିଥାଏ। ରୋହିତଙ୍କ ପାଖରେ ସେ ଫୁଟର୍କ ଆଉ ନାହିଁ।ସେ ଏମିତି ଏକ ସମୟରେ ପହଞ୍ଚି ଯାଇଛନ୍ତି, ଯେଉଁଠି ବଲକୁ ମିଟ କରିବାରେ ବିଳମ୍ୱ ହେଉଛନ୍ତି ତେଣୁ ସିରିଜ ଶେଷରେ ରୋହିତ ହିଁ ତାଙ୍କ କ୍ୟାରିୟରକୁ ନେଇ ନିଷ୍ପତ୍ତି ନେବେ।

ଶାସ୍ତ୍ରୀଙ୍କ ଏପରି ବୟାନ ପରେ ରୋହିତ ବର୍ଡର-ଗାଭାସ୍କର ଟ୍ରଫି ପରେ ଅବସର ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ହେଲେ ରୋହିତ ନିଜ ଅବସର ସମ୍ପର୍କରେ ଓଲଟା କଥା କହିଛନ୍ତି ବାହାରେ ଅନେକ କଥା କୁହାଯାଉଥିଲେ ହେଁ ସେ ସିଡ୍‌ନୀରେ ଖେଳା ଯିବାକୁ ଥିବା ନ୍ୟୁ ୟର ଟେଷ୍ଟରେ ଭାରତର କମାଣ ସମ୍ଭାଳିବେ ବୋଲି ସ୍ପଷ୍ଟ କରିଛନ୍ତି।

## ରବିନ ଉଥାପ୍ପାଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୩୧।୧୨: ଇପିଏଫ ଠକେଇ ମାମଲାରେ ଫସିଥିବା ଭାରତୀୟ ଟିମର ପୂର୍ବତନ କ୍ରିକେଟର ରବିନ ଉଥାପ୍ପାଙ୍କୁ ମିଳିଛି।ବଡ଼ ଆଶ୍ୱସ୍ତି ତାଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ପରାନା ଉପରେ କର୍ଣ୍ଣାଟକା ହାଇକୋର୍ଟ ଆଜି ରୋକ ଲଗାଇ ଦେଇଛନ୍ତି। ପିଏଫ ରିଜନାଲ କମିଶନର ଏସ ଗୋପାଲ ରେଡ୍ଡୀ ଡିସେମ୍ବର ୨୧ରେ ଉଥାପ୍ପାଙ୍କ ନାଁରେ ଆରେଷ୍ଟ ।ରେଣ୍ଟ ଜାରି କରିଥିଲେ ଏଥିସହ ପୁଲକେଶିନଗର ପୁଲିସ୍ ପୁଲିସ୍‌କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ।



ଉଥାପ୍ପା ଏକ ଗୋଟିଏ କମ୍ପାନୀ ଚଳାଉଛନ୍ତି। ଏଠାରେ କାମ କରୁଥିବା କର୍ମଚାରୀଙ୍କ ଦରମାରୁ ସେ ପିଏଫ ବାବଦରେ ଟଙ୍କା କାଟୁଛନ୍ତି।କିନ୍ତୁ ଏହାକୁ ସେ ଜମା କରୁ ନଥିଲେ। ଏପରି ଭାବେ ସେ ୨୩ ଲକ୍ଷ ଟଙ୍କାର ହେରଫେର କରିଥିବା ଅଭିଯୋଗ ହୋଇଥିଲା।

ଡିସେମ୍ବର ୪ରେ କମିଶନର ରେଡ୍ଡୀ ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ ପୁଲିସ୍‌କୁ କହିଥିଲେ। କିନ୍ତୁ ଉଥାପ୍ପା ତାଙ୍କ ପୁରୁଣା ଠିକଣାରେ ରହୁ ନଥିବାରୁ ଉକ୍ତ ୱାରେଣ୍ଟ ପିଏଫ ଅଫିସ୍‌କୁ ଫେରି ଆସିଥିଲା। ଏହାପରେ ଡିସେମ୍ବର ୨୧ରେ ଶ୍ରୀ ରେଡ୍ଡୀ ଗିରଫ ୱାରେଣ୍ଟ ଜାରି କରିଥିଲେ। ତାଙ୍କ ବିରୋଧରେ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ହଡ଼ପର ଅଭିଯୋଗ ଆସିଥିଲେ ହେଁ ଏହାକୁ ଉଥାପ୍ପା ଖଣ୍ଡନ କରିଥିଲେ। ଏହାପରେ ସେ ଗିରଫ ୱାରେଣ୍ଟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।ହାଇକୋର୍ଟ ଏବେ ପରବର୍ତ୍ତୀ ଶୁଣାଣି ଯାଏ ୱାରେଣ୍ଟ ଉପରେ ରୋକ ଲଗାଇ ଦେଇଛନ୍ତି। ୩୯ ବର୍ଷୀୟ ରବିନ୍ ଉଥାପ୍ପା ଭାରତୀୟ କ୍ରିକେଟ୍ ଟିମ୍‌ର ଏକ ଲୋକପ୍ରିୟ ଚେହେରା। ସେ ଭାରତ ପାଇଁ ୪୬ଟି ଦିନିକିଆ ଓ ୧୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଯେତେବେଳେ ଟିମ୍ ଇଣ୍ଡିଆ ୨୦୦୭ରେ ଟି-୨୦ ବିଶ୍ୱକପ୍ ଜିତିଥିଲା ସେତେବେଳେ ଉକ୍ତ ଟିମରେ ଉଥାପ୍ପା ରହିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ